सत्यमेव जयते

ଓଡ଼ିଶା ବିଧାନସଭାରେ

ମାନ୍ୟବର ରାଜ୍ୟପାଳ

# ଡ଼. ହରି ବାବୁ କମ୍ଭମ୍‌ପାଟିଙ୍କ

## ଅଭିଭାଷଣ

୧୩ ଫେବୃୟାରୀ, ୨୦୨୫

ଜୟ ଜଗନ୍ନାଥ

ସମ୍ମାନନୀୟା ବାଚସ୍ପତି ମହୋଦୟା ଏବଂ ମାନନୀୟ ସଦସ୍ୟଗଣ

ସପ୍ତଦଶ ଓଡ଼ିଶା ବିଧାନସଭାର ତୃତୀୟ ଅଧିବେଶନରେ ମୁଁ ଆପଣମାନଙ୍କୁ ଅତ୍ୟନ୍ତ ଆନନ୍ଦର ସହ ସ୍ୱାଗତ କରୁଛି । ଏହି ଗରିମାମୟ ସମାବେଶରେ ଏହା ମୋର ପ୍ରଥମ ଅଭିଭାଷଣ ଏବଂ ଆଜି ଆପଣଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ମୁଁ ଅତ୍ୟନ୍ତ ଗର୍ବ ଅନୁଭବ କରୁଛି । ଏହି ଅବସରରେ ମୁଁ ଏହି ମହାନ ଗୃହର ସମସ୍ତ ମାନ୍ୟବର ସଦସ୍ୟ ଏବଂ ଓଡ଼ିଶାବାସୀଙ୍କୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଏହି ବର୍ଷ ଆମ ରାଜ୍ୟ ଏବଂ ଏହାର ନାଗରିକଙ୍କ ପାଇଁ ପ୍ରଗତି, ସମୃଦ୍ଧି ଏବଂ ସୌହାର୍ଦ୍ଦ୍ୟ ଆଣିଦେଉ ।

2. ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ସମୀର ଦେ ଏବଂ ପୂର୍ବତନ ସଦସ୍ୟ ସ୍ୱର୍ଗତଃ ସୁରେନ୍ଦ୍ର ମୋହନ ମାଝୀ, ସ୍ୱର୍ଗତଃ ଅଶ୍ୱିନୀ କୁମାର ଗୁରୁ, ସ୍ୱର୍ଗତଃ ଧନେଶ୍ୱର ମାଝୀ, ସ୍ୱର୍ଗତଃ ମକରଧ୍ୱଜ ପ୍ରଧାନ, ସ୍ୱର୍ଗତଃ ନିରଞ୍ଜନ ପ୍ରଧାନ, ସ୍ୱର୍ଗତଃ ଉତ୍କଳ କେଶରୀ ପରିଡ଼ା ଓ ସ୍ୱର୍ଗତଃ ପୂର୍ଣ୍ଣ ଚନ୍ଦ୍ର ମାଝୀଙ୍କ ବିୟୋଗରେ ଏହି ମହାନ ଗୃହ ଗଭୀର ଶୋକ ପ୍ରକାଶ କରୁଛି ।

3. ମୁଁ ଆଜି ଉପସ୍ଥିତ ସମସ୍ତ ମାନ୍ୟବର ସଭ୍ୟମାନଙ୍କୁ ଅନୁରୋଧ କରୁଛି ଯେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଡଃ. ମନମୋହନ ସିଂ ଏବଂ ଏହି ଗୃହର ପୂର୍ବତନ ସଦସ୍ୟ ସ୍ୱର୍ଗତଃ ବିଜୟ କୁମାର ମହାନ୍ତି ଓ ସ୍ୱର୍ଗତଃ ସଦନ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାରେ ମୋ ସହିତ ଯୋଗ ଦିଅନ୍ତୁ । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗୃହ ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରାଯାଇପାରେ ।

4. ଅତୁଳନୀୟ ସୌନ୍ଦର୍ଯ୍ୟ ଓ ଚିରନ୍ତନ ପରମ୍ପରାର ମନୋରମ ଦୃଶ୍ୟରାଜି ଭରା ଓଡିଶାରେ ପ୍ରତ୍ୟେକ ସୂର୍ଯ୍ୟୋଦୟ ସୌହାର୍ଦ୍ଦ୍ୟ ଓ ଆଶାର ପ୍ରତିଶ୍ରୁତି ବହନ

କରିଥାଏ । ଏହାର ଦୁର୍ଗମ ପାହାଡ଼ ତଳେ ମୂଲ୍ୟବାନ ଖଣିଜ ପଦାର୍ଥର ବିଶାଳ ଭଣ୍ଡାର ରହିଛି, ଯାହା ଏହାର ଶିଳ୍ପ ଶକ୍ତି ଏବଂ ଅର୍ଥନୈତିକ ପ୍ରତିଶ୍ରୁତିର ନୀରବ ପ୍ରମାଣ । ବଙ୍ଗୋପସାଗର କୂଳରେ ଥିବା ଚମତ୍କାର ବେଳାଭୂମି, କବିତାର ମାଧୂର୍ଯ୍ୟ ପରି ପର୍ବତମାଳା ଏବଂ ସମୃଦ୍ଧ ଓ ଗୌରବମୟ ଐତିହ୍ୟର କାହାଣୀ ବର୍ଣ୍ଣନା କରୁଥିବା ଶାନ୍ତ ମନ୍ଦିର ଏବଂ ସ୍ମାରକୀ ଗୁଡିକ ଓଡିଶାର ମାଟିରେ ଜୀବନ୍ତ ଭାବେ ପ୍ରସ୍ଫୁଟିତ ହୋଇଛି । ଆମର ଲୋକମାନେ ହିଁ ଆମର ସବୁଠାରୁ ବଡ଼ ସମ୍ପତ୍ତି; ଆମର କାରିଗରମାନେ ପଥର ଓ ବସ୍ତ୍ରରେ ଯାଦୁକରୀ ସ୍ପର୍ଶ ଦିଅନ୍ତି, ଆମର କୃଷକମାନେ ପୃଥିବୀରୁ ଜୀବନ ସୃଷ୍ଟି କରନ୍ତି । ପଶ୍ଚିମରେ ନୃସିଂହନାଥର ରହସ୍ୟମୟ ଭୂମିଠାରୁ ଆରମ୍ଭ କରି ପୂର୍ବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ବାସସ୍ଥାନ, ଦକ୍ଷିଣରେ ସୁନ୍ଦର ଜଙ୍ଗଲ ଓ ମନୋରମ ପରିବେଶଠାରୁ ଆରମ୍ଭ କରି ଶିଳ୍ପର ଭୂମି ରାଜ୍ୟର ଉତ୍ତର ଖଣ୍ଡ ପର୍ଯ୍ୟନ୍ତ ଓଡ଼ିଶା ହେଉଛି ପ୍ରକୃତି, ଇତିହାସ ଓ ଜନସାଧାରଣଙ୍କ ଦୃପ୍ତ ଭାବନାର ପ୍ରବାହମାନ ଧାରା ।

5. ବୈଦେଶିକ ବାଣିଜ୍ୟ, ସମୃଦ୍ଧ ଖଣିଜ ଭଣ୍ଡାର ଏବଂ ପ୍ରଚୁର ମାନବ ସମ୍ବଳର ସମୃଦ୍ଧ କେନ୍ଦ୍ର ଭାବରେ ଗୌରବମୟ ଅତୀତ ସତ୍ତ୍ୱେ ସ୍ୱାଧୀନତା ପରବର୍ତ୍ତୀ ଅନେକ ବର୍ଷ ଧରି ଓଡ଼ିଶା ଏହାର ବିପୁଳ ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବା ପାଇଁ ସଂଘର୍ଷ କରିଥିଲା । ରାଜ୍ୟର ପ୍ରତିଶ୍ରୁତି ଅନେକ ସମୟରେ ପୂରଣ ହୋଇପାରିନଥିଲା । ହୃଦୟରେ ଆଶା ଓ ଭବିଷ୍ୟତ ପାଇଁ ଦୃଷ୍ଟିଭଙ୍ଗୀ ରଖି ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀ ନିରନ୍ତରତା ପରିବର୍ତ୍ତେ ପରିବର୍ତ୍ତନକୁ ବାଛିଛନ୍ତି । ଅସମ୍ଭବ ଲାଗୁଥିବା ପରିବର୍ତ୍ତନକୁ ଅପେକ୍ଷା କରି କ୍ଳାନ୍ତ ହୋଇପଡିଥିବା ଜନସାଧାରଣ, ମୋ ସରକାରଙ୍କ ପ୍ରତିଶ୍ରୁତିକୁ ଗ୍ରହଣ କଲେ, ଯିଏ ସେମାନଙ୍କ କଥା ଶୁଣିବ, ବୁଝିବ ଏବଂ କାର୍ଯ୍ୟ କରିବ । ସେମାନଙ୍କ ମତଦାନ କେବଳ ଏକ ରାଜନୈତିକ ନିଷ୍ପତ୍ତି ନଥିଲା ବରଂ ଏହା ଏକ ଆସ୍ଥାର ପରିପ୍ରକାଶ ଥିଲା । ଏକ ଉଜ୍ଜ୍ୱଳ ଦିଗନ୍ତକୁ ଆଖିରେ ରଖି, ପରିବର୍ତ୍ତନର ଆଶା ଓ ଭରସା ନେଇ ସେମାନେ ମୋ ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ

ଯିଏ କି ଗରିବଙ୍କ ଆଶା, ଯୁବକମାନଙ୍କ ଆକାଂକ୍ଷା, କୃଷକଙ୍କ ସ୍ୱପ୍ନ ଏବଂ ମହିଳାମାନଙ୍କର ଲକ୍ଷ୍ୟକୁ ସାକାର କରି ଏକ ଅତୁଳନୀୟ ସମୃଦ୍ଧିର ନୂତନ ଯୁଗ ଆରମ୍ଭ କରିବ ।

୬. ଜନାଦେଶ ଓ ଭବିଷ୍ୟତ ପାଇଁ ଏକନିଷ୍ଠ ଦୂରଦୃଷ୍ଟି ବଳରେ ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବାର ଦାୟିତ୍ୱ ମୋ ସରକାର ବହନ କରିଛନ୍ତି । "ଜ୍ଞାନ" ଅର୍ଥାତ୍ ଗରିବ, ଯୁବାବର୍ଗ, ଅନ୍ନଦାତା ଏବଂ ନାରୀଶକ୍ତିକୁ ସଶକ୍ତ କରିବାର ସଂକଳ୍ପ ନେଇ ଜୁଲାଇ ୨୦୨୪ରେ ମୋ ସରକାର ଏହି ପବିତ୍ର ଗୃହରେ "ସବ୍ କା ସାଥ, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ" ନୀତି ଆଧାରିତ ଏହାର ପ୍ରଥମ ବଜେଟ୍ ଉପସ୍ଥାପନ କରିଥିଲେ । ଦାୟିତ୍ୱ ଗ୍ରହଣ କରିବାର ମାତ୍ର ୮ ମାସ ବିତିଛି ଏବଂ ଏହି ସ୍ୱଳ୍ପ ସମୟ ମଧ୍ୟରେ ମୋ ସରକାର ବିଭିନ୍ନ ଐତିହାସିକ ନିଷ୍ପତ୍ତି ନେଇଛନ୍ତି, ଅନେକ ଯୋଜନା ପ୍ରଣୟନ କରିଛନ୍ତି ଏବଂ ରାଜ୍ୟ ତଥା ଦେଶର ସ୍ୱାର୍ଥ ପାଇଁ କାର୍ଯ୍ୟକ୍ରମମାନ ଆୟୋଜନ କରିଛନ୍ତି । ରାଜ୍ୟର ପ୍ରାୟ ଏକ କୋଟି ମହିଳାଙ୍କ ହିତସାଧନ ପାଇଁ ମୋ ସରକାର ନିଜର ପ୍ରମୁଖ ଯୋଜନା "ସୁଭଦ୍ରା" କାର୍ଯ୍ୟକାରୀ କରିଥିଲେ, ଧାନ ପାଇଁ ଏମଏସପି ଉପରେ କ୍ୱିଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରିବା ପାଇଁ "ସମୃଦ୍ଧ କୃଷକ ଯୋଜନା" ଆରମ୍ଭ କରିଥିଲେ, ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶ୍ରୀମନ୍ଦିରର ଭିତର ରତ୍ନ ଭଣ୍ଡାର ଖୋଲିଥିଲେ ଏବଂ ଓଡ଼ିଆ ଅସ୍ମିତାକୁ ପୁନର୍ଜୀବିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ । ୨୦୨୪ ନଭେମ୍ବରରେ ଆରକ୍ଷୀ ମହାନିର୍ଦ୍ଦେଶକ ଓ ମହାନିରୀକ୍ଷକ ସମ୍ମିଳନୀ ଆୟୋଜନ ଏବଂ ୨୦୨୫ ଜାନୁଆରୀ ମାସରେ ସିଙ୍ଗାପୁର ଜନରାଜ୍ୟର ମାନ୍ୟବର ରାଷ୍ଟ୍ରପତିଙ୍କ ଗସ୍ତ, ୧୮ତମ ପ୍ରବାସୀ ଭାରତୀୟ ଦିବସ, ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ଆୟୋଜନ ପାଇଁ ମୋ ସରକାରଙ୍କ ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ ।

7. ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତି ସହିତ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଥିବା ମୋ ସରକାର 'ଭିଜନ ୨୦୩୬' ପାଇଁ ୩ ଲକ୍ଷରୁ ଅଧିକ ପ୍ରସ୍ତାବ ପାଇଛନ୍ତି । ବିକଶିତ ଭାରତ ୨୦୪୭ ପାଇଁ ବିକଶିତ ଓଡ଼ିଶା ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ମୋ ସରକାରଙ୍କର ବିସ୍ତୃତ ଯୋଜନା ରହିଛି, ଯେଉଁଥିରେ ଭାରତର ଅର୍ଥନୀତିକୁ ଓଡ଼ିଶାର ୧.୫ ଟ୍ରିଲିୟନ ଡଲାର ଯୋଗଦାନର ଆଭିମୁଖ୍ୟ ରହିଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ବର୍ତ୍ତମାନର "ଅମୃତ କାଳ"ର ସର୍ବୋତ୍ତମ ଉପଯୋଗ କରି ପ୍ରତ୍ୟେକ ବ୍ୟକ୍ତି, ସଂଗଠନ ଏବଂ ସମଗ୍ର ରାଜ୍ୟକୁ ସକ୍ରିୟ ଭାବେ ଅଭିନବତ୍ୱ ପ୍ରତିପାଦନ ପୂର୍ବକ ପ୍ରଗତିଶୀଳ ଚିନ୍ତାଧାରା ସହ କାର୍ଯ୍ୟ କରିବାକୁ ହେବ ।

୫. ମହାନ କୃଷି ବୈଜ୍ଞାନିକ ତଥା ଭାରତ ରତ୍ନ ଡକ୍ଟର ଏମ୍.ଏସ୍. ସ୍ୱାମୀନାଥନଙ୍କ ଉକ୍ତିକୁ ମୁଁ ଏଠାରେ ଉଦ୍ଧାର କରୁଛି । "ଯଦି କୃଷି ତ୍ରୁଟିପୂର୍ଣ୍ଣ ହୁଏ, ତେବେ ଅନ୍ୟ କିଛି ସଠିକ ହେବ ନାହିଁ" । ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ ହୋଇଥିବାରୁ ଏହାର ମଙ୍ଗଳ ଓ ଅର୍ଥନୈତିକ ସମୃଦ୍ଧି ପାଇଁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ଅଧିକ ନିର୍ଭର କରିଥାଏ । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଓଡିଶା ନିଜର ସମୃଦ୍ଧ କୃଷି ଐତିହ୍ୟ ଏବଂ ପାରମ୍ପରିକ ଚାଷ ପଦ୍ଧତି ବଜାୟ ରଖିଛି । ଏହି କ୍ଷେତ୍ରର ଅଗ୍ରଗତି ପାଇଁ ପ୍ରତିଶ୍ରୁତିବଦ୍ଧ ମୋ ସରକାର, ଅର୍ଥନୈତିକ ଅଭିବୃଦ୍ଧିର ମେରୁଦଣ୍ଡ ଆମ ଚାଷୀଙ୍କ ପାଇଁ ଖାଦ୍ୟ, ପୋଷଣ ଏବଂ ରୋଜଗାର ନିରାପତ୍ତାକୁ ପ୍ରାଥମିକତା ଦେଉଛନ୍ତି । ଅଭିନବ ଜ୍ଞାନକୌଶଳ, ଉନ୍ନତ ଜଳସେଚନ, ଫସଲ ବୀମା ଏବଂ ଆର୍ଥିକ ସହାୟତା ଦ୍ୱାରା ଅନ୍ତର୍ଭୁକ୍ତୀକରଣ କୃଷି ରୂପାନ୍ତରଣ ପରିଚାଳିତ ହେବ ଓ ଅନ୍ତର୍ଜାତୀୟ ସହଯୋଗ, ଗବେଷଣା ତଥା ନୀତି ସମନ୍ୱୟ ମାଧ୍ୟମରେ ବିଶ୍ୱସ୍ତରୀୟ କୃଷି ପଦ୍ଧତିକୁ ସ୍ଥାନୀୟକରଣ କରାଯିବ । ମୁଁ କହିବାକୁ ଚାହେଁ ଯେ, ମୋ ସରକାରଙ୍କ ଦୂରଦର୍ଶୀ ନେତୃତ୍ୱରେ କୃଷି ଆମ ଓଡ଼ିଶାର ସମୃଦ୍ଧି ଓ କଲ୍ୟାଣକୁ ଆଗେଇ ନେବ ।

9. ଏକ ପରିପୃକ୍ତ ଅଭିଯାନ ମାଧ୍ୟମରେ ପ୍ରଧାନମନ୍ତ୍ରୀ-କିଷାନ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରି କୃଷକ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ, ମୋ ସରକାର ବିଶେଷ ଯତ୍ନବାନ ଅଛନ୍ତି । ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ, କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଇନପୁଟ୍ ସହାୟତା ସହିତ ମୋ ସରକାର ଚଳିତ ଖରିଫ ଋତୁରେ ଚାଷୀଙ୍କଠାରୁ ୩୧୦୦ ଟଙ୍କାରେ ଧାନ ସଂଗ୍ରହ ଆରମ୍ଭ କରିଛନ୍ତି ।

10. ଶସ୍ୟ ବିବିଧକରଣ ଉପରେ ମୋ ସରକାର ଗୁରୁତ୍ୱ ଦେଇ ୨ ଲକ୍ଷ ହେକ୍ଟର ଜମିରେ ଡାଲି, ତୈଳବୀଜ, ପନିପରିବା ଏବଂ ଉଚ୍ଚ ଅର୍ଥକାରୀ ଫସଲ ଉପରେ ପ୍ରାଥମିକତା ଦେଇଛନ୍ତି । ପତିତ ଜମିରେ ଧାନ ଫସଲ ପରିଚାଳନା ପ୍ରକଳ୍ପ ଜରିଆରେ ଅଗ୍ରଣୀ ଗବେଷଣା ଅନୁଷ୍ଠାନ ଓ ସ୍ଥାନୀୟ ଏଜେନ୍ସି ମାନଙ୍କୁ ଅଂଶୀଦାର କରି କୃଷିରୁ ଆୟ, ଫସଲ ସଘନତା ଏବଂ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଦିଗରେ ପଦକ୍ଷେପ ନିଆଯାଉଛି ।

11. ଜଳବାୟୁ ବିପଦରୁ କୃଷକମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ, ରବି ଋତୁ ପାଇଁ ମୋ ସରକାର ୧.୩୬ ଲକ୍ଷ ଚାଷୀଙ୍କୁ ପଞ୍ଜିକୃତ କରି ଫସଲ ବୀମା ଭୁକ୍ତତାକୁ ସୁନିଶ୍ଚିତ କରିଛନ୍ତି । ଦାରିଙ୍ଗବାଡି ଓ ସ୍ୱାଭିମାନ ଅଞ୍ଚଳ ଭଳି କ୍ଷେତ୍ରରେ "ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ" ଜରିଆରେ ଜୈବିକ ଚାଷକୁ ଅଗ୍ରାଧିକାର ଭିତ୍ତିରେ ପ୍ରୋତ୍ସାହିତ କରାଯାଉଛି । ବିସ୍ମୃତ ଖାଦ୍ୟର ପୁନରୁଦ୍ଧାର କାର୍ଯ୍ୟକ୍ରମ ଅଧୀନରେ, ଅବହେଳିତ ଫସଲର ପୁନଃ ପ୍ରଚଳନ ଏବଂ ସେସବୁକୁ ଲୋକପ୍ରିୟ କରିବା ପାଇଁ ବିଜ୍ଞାନ ସମ୍ମତ ସଂଗ୍ରହ, ଦସ୍ତାବିଜ ପ୍ରସ୍ତୁତି ଓ ଜନସଚେତନତା ଆଦି ଦିଗରେ ମୋ ସରକାରଙ୍କ ପ୍ରୟାସ ରହିଛି ।

12. ମୋ ସରକାର, ଛତୁ ଓ ଫୁଲ ଉତ୍ପାଦନକୁ ପ୍ରୋତ୍ସାହିତ କରି କୃଷି କ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ଏହି କ୍ଷେତ୍ରରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବାକୁ ପ୍ରତିଶ୍ରୁତିବଦ୍ଧ ।

୧୭୫୭ ଉତ୍ପାଦକ ଗୋଷ୍ଠୀ ଏବଂ ୬୨ ଉତ୍ପାଦକ କମ୍ପାନୀ ମାଧ୍ୟମରେ ଜନଜାତି ଅଞ୍ଚଳରେ କୃଷି ଉତ୍ପାଦନ କ୍ଲଷ୍ଟରକୁ ପ୍ରୋତ୍ସାହନ ପ୍ରଦାନ ଦ୍ୱାରା ୨ ଲକ୍ଷରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ପାଇଁ ଜୀବିକା ସମ୍ପତ୍ତି ଏବଂ ବଜାର ସଂଯୋଗ ସୃଷ୍ଟି କରାଯାଇଛି ।

13. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଋଣ ପ୍ରଦାନକୁ ସୁଗମ କରି ମୋ ସରକାର କୃଷି ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି । ମୋ ସରକାର କ୍ଷୁଦ୍ର ଓ ନାମମାତ୍ର କୃଷକମାନଙ୍କ ପାଇଁ ଉନ୍ନତ ଆୟ ସୁଯୋଗ ଏବଂ ସାମାଜିକ-ଅର୍ଥନୈତିକ ବିକାଶ ସୁନିଶ୍ଚିତ କରିବା ସହ ଅର୍ଥନୈତିକ, ବୈଷୟିକ ଏବଂ ଭିତ୍ତିଭୂମି ସହାୟତା ଜରିଆରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକୁ ସହାୟତା ଦେଉଛନ୍ତି ।

14. ମୋ ସରକାର ମତ୍ସ୍ୟ ଚାଷ ଓ ଆକ୍ୱାକଲଚର୍ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ଜୀବିକା ବୃଦ୍ଧି ପାଇଁ ନୂଆ ପୋଖରୀ ଖନନ ଓ ପୂର୍ବରୁ ରହିଥିବା ପୋଖରୀ ଗୁଡ଼ିକର ଉତ୍ପାଦକତା ବୃଦ୍ଧି ନିମନ୍ତେ "ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା" ହାତକୁ ନିଆଯାଇଛି।

15. ଡଙ୍ଗା, ଇଞ୍ଜିନ ଏବଂ ଜାଲ ପାଇଁ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କୁ ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତା ଯୋଗୁଁ ଆଧୁନିକ ଉପକରଣ, ସେମାନଙ୍କ ସୁରକ୍ଷା ଓ ଉତ୍ପାଦକତା କ୍ଷେତ୍ର ସୁନିଶ୍ଚିତ ହେଉଛି । ଆହୁରି ମଧ୍ୟ, ସଘନ ମାଛଚାଷ ପାଇଁ ବାୟୋ-ଫ୍ଲକ୍ ଟେକ୍ନୋଲୋଜି ମାଛ ଚାଷରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ଏବଂ ପୂର୍ବରୁ ସହସ୍ରାଧିକ ୟୁନିଟ୍ ସ୍ଥାପିତ ହୋଇସାରିଥିବା ବେଳେ ଆଗକୁ ଏହା ବିସ୍ତାରିତ ହେବା ଯୋଜନା ରହିଛି ।

16. ଜଳଭଣ୍ଡାରରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ବାଲିମେଳା ଜଳଭଣ୍ଡାର ଭଳି ପ୍ରମୁଖ ଅଞ୍ଚଳରେ ଉନ୍ନତ ପ୍ରଜାତିର ଜାଆଁଳ ଓ ମଧୁର ଜଳ ଚିଙ୍ଗୁଡ଼ି ଜାଆଁଳ ନିୟମିତ

ଭାବେ ଗଚ୍ଛିତ ରଖାଯାଉଛି । ଆଧୁନିକୀକରଣ ପ୍ରୟାସ ସ୍ୱରୂପ ମତ୍ସ୍ୟ ଯନ୍ତ୍ରପାତି ଓ ଉନ୍ନତ ଉପକରଣ ଗୁଡିକର ବ୍ୟବହାର ମତ୍ସ୍ୟ ଉତ୍ପାଦନ ଦକ୍ଷତା ବୃଦ୍ଧି ଦିଗରେ କୃଷକମାନଙ୍କୁ ସକ୍ଷମ କରୁଛି । ବର୍ଦ୍ଧିତ ମତ୍ସ୍ୟଚାଷକୁ ଦୃଷ୍ଟିରେ ରଖି ନିରନ୍ତର ଜାଆଁଳ ଯୋଗାଣ ଓ ଜଳଭଣ୍ଡାର ଗୁଡିକରେ ଜାଆଁଳ ସଂରକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ମାଛ ବିହନ ହ୍ୟାଚେରୀ କାର୍ଯ୍ୟକ୍ରମ ମାଧ୍ୟମରେ ଆନୁବଂଶିକ ଉନ୍ନତ ପ୍ରଜାତିର ଜାଆଁଳ ଉତ୍ପାଦନ ଉପରେ ଧ୍ୟାନ ଦିଆଯାଉଛି ।

17. ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ଏବଂ ସ୍ୱଚ୍ଛ ମାଛଧରା ମାନ ରକ୍ଷଣାବେକ୍ଷଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ଅଧୀନରେ ଧାମରାଠାରେ ମାଛଧରା ବନ୍ଦରର ଉନ୍ନତୀକରଣ, ଚାନ୍ଦିପୁର (ବଳରାମଗଡ଼ି)ରେ ଗୋଟିଏ ନୂତନ ମାଛଧରା ବନ୍ଦର ନିର୍ମାଣ, ଉତ୍ତମ ମାଛ ଧରା ପାଇଁ କାଳୁପଡ଼ାଘାଟ, ସୋରଣ ଏବଂ କାସିଆଠାରେ ୩ଟି ମାଛ ଧରା କେନ୍ଦ୍ରର ବିକାଶ କରାଯାଉଛି ।

18. ନିରନ୍ତର ଅଭିବୃଦ୍ଧି, ଉତ୍ପାଦକତା ବୃଦ୍ଧି ଏବଂ ପ୍ରାଣୀମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବା ଉପରେ ପ୍ରାଣୀସମ୍ପଦ କ୍ଷେତ୍ର ଗୁରୁତ୍ୱ ଦେଇଥାଏ । କୃଷକମାନଙ୍କୁ ସଶକ୍ତ କରିବା, ଗ୍ରାମୀଣ ଜୀବିକାକୁ ପ୍ରୋତ୍ସାହିତ କରିବା ଏବଂ ଖାଦ୍ୟ ନିରାପତ୍ତା ଏବଂ ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ଏହି କ୍ଷେତ୍ରର ଲକ୍ଷ୍ୟ ।

19. ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୋ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (ଏମକେୱାଇ) ଆରମ୍ଭ କରିଛନ୍ତି, ଯେଉଁଥିରେ ହିତାଧିକାରୀଙ୍କୁ ୨ଟି ଶଙ୍କର ପ୍ରଜାତି ଗାଈକୁ ନେଇ କ୍ଷୁଦ୍ର ଦୁଗ୍ଧ ୟୁନିଟ୍ ପ୍ରତିଷ୍ଠା, ମାଈ ବାଛୁରୀ ପାଇଁ ରିହାତିରେ ଗୋଖାଦ୍ୟ, ଦୁଧିଆଳୀ ଗାଈ ପାଇଁ ବୀମା ପ୍ରିମିୟମରେ ୮୫% ରିହାତି ଏବଂ ଦୁଗ୍ଧ ସମବାୟ ସମିତିକୁ ଦୁଗ୍ଧ ଯୋଗାଣ ପାଇଁ ଦୁଗ୍ଧ ଚାଷୀମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ସହାୟତା ପ୍ରଦାନ କରାଯାଏ । ଏହାବ୍ୟତୀତ ଉଚ୍ଚ ଜେନେଟିକ ଯୋଗ୍ୟତା ଥିବା ପ୍ରାୟ ୯୦% ମାଈ ବାଛୁରୀ ପ୍ରଜନନ କରିବା

ଉଦ୍ଦେଶ୍ୟରେ "ସେକ୍ସ-ସର୍ଟେଡ୍ ସିମେନ୍"ର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି ।

20. ବିଭିନ୍ନ ଯୋଜନା ଅଧୀନରେ କୁକୁଡ଼ା, ଛେଳି, ଘୁଷୁରି ଏବଂ ବତକ ଚାଷ ମାଧ୍ୟମରେ କୃଷକମାନଙ୍କୁ ଜୀବିକା ନିର୍ବାହ କରିବାରେ ସାହାଯ୍ୟକାରୀ "ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା" (ପିଏସଏସୱାଇ) ମୋ ସରକାର ଆରମ୍ଭ କରିଛନ୍ତି ଯାହା ଦ୍ୱାରା ରାଜ୍ୟରେ ମାଂସ ଉତ୍ପାଦନ ବୃଦ୍ଧି ପାଇବ ।

21. ମୋ ସରକାର "ଗୋଲ୍ ଫର୍ ମ୍ୟାନେଜମେଣ୍ଟ ଆଣ୍ଡ ଟ୍ରିଟମେଣ୍ଟ ଅଫ୍ ଆନିମଲ୍ସ" (ଗୋମାତା) ଯୋଜନା ଅଧୀନରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (ଏମଭିୟୁ) ମାଧ୍ୟମରେ କ୍ଷେତ୍ରସ୍ତରୀୟ ପ୍ରାଣୀ ଚିକିତ୍ସା ଅନୁଷ୍ଠାନରେ ଏବଂ କୃଷକଙ୍କ ଦ୍ୱାରଦେଶରେ ବ୍ୟାପକ ପ୍ରାଣୀ ଚିକିତ୍ସା ସେବା ପ୍ରଦାନ କରିବା ସହିତ ପ୍ରାଣୀ ରୋଗର ନିୟନ୍ତ୍ରଣ ଏବଂ ସଂକ୍ରମଣ ନିରୋଧ ପାଇଁ ତୁରନ୍ତ ନିର୍ଣ୍ଣୟ ଓ ପ୍ରତିଷେଧକ ବ୍ୟବସ୍ଥା ପ୍ରଦାନ କରୁଛନ୍ତି ।

22. ମୋ ସରକାର ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା (ଏମପିକେୱାଇ) ଅଧୀନରେ ବୁଲା ଗୋରୁଗାଈମାନଙ୍କୁ ଘରୋଇ ଗୋଶାଳାରେ ରଖି ଖାଇବାକୁ ଦେବା ଓ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଗୋଶାଳା ଏବଂ ଗୋଧନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଏହାବ୍ୟତୀତ ବୁଲା ଓ ପରିତ୍ୟକ୍ତ ପଶୁମାନଙ୍କୁ ଉଦ୍ଧାର କରିବା ପାଇଁ ୧୧ଟି ସହରାଞ୍ଚଳରେ ଆନିମଲ ହେଲ୍ପଲାଇନ୍ (୧୯୬୨) ଓ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି ।

23. ଦେଶୀ ପ୍ରଜାତିଗୁଡ଼ିକ ପ୍ରାକୃତିକ ଭାବରେ ସ୍ଥାନୀୟ ପରିବେଶ ସହିତ ଖାପ ଖୁଆଇ ଥାଆନ୍ତି, ଯାହା ସେମାନଙ୍କୁ ଜଳବାୟୁ ସହନଶୀଳତା କ୍ଷେତ୍ରରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ କରାଇଥାଏ । ରାଜ୍ୟର ଦେଶୀ ପ୍ରଜାତିର ଆନୁବଂଶିକ

ବିବିଧତାକୁ ସୁରକ୍ଷିତ ରଖିବା ପାଇଁ ମୋ ସରକାର 'ଦେଶୀୟ ପ୍ରଜାତିର ସଂରକ୍ଷଣ' ନାମକ ଏକ ନୂତନ ଯୋଜନା ଆରମ୍ଭ କରିଛନ୍ତି ।

24. ମୋ ସରକାର ସମସ୍ତ ୬୬ଟି ନିୟନ୍ତ୍ରିତ ବଜାର କମିଟି (ଆରଏମସି)କୁ ଜାତୀୟ କୃଷି ବଜାର (ଇ-ନାମ) ସହିତ ସଂଯୁକ୍ତ କରିଛନ୍ତି, ଯାହା ଡିସେମ୍ବର ୨୦୨୪ ସୁଦ୍ଧା ୪,୫୧୨ କୋଟି ଟଙ୍କାର ଇ-ଟ୍ରେଡିଂ ହାସଲ କରିଛି, ଯେଉଁଥିରେ ୪ ଲକ୍ଷରୁ ଅଧିକ କୃଷକ, ୬୨୧ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଏବଂ ପ୍ରାୟ ୧୦,୦୦୦ ବ୍ୟବସାୟୀ, ପ୍ଲାଟଫର୍ମରେ ପଞ୍ଜୀକୃତ ହୋଇଛନ୍ତି । ଓଡ଼ିଶା ରାଜ୍ୟ କୃଷି ବିପଣନ (ଓସାମ୍) ବୋର୍ଡ ମାଧ୍ୟମରେ ମୁଖ୍ୟ ଫସଲ ପାଇଁ ସ୍ୱତନ୍ତ୍ର ସାମଗ୍ରୀ ମାର୍କେଟିଂକୁ ସୁବ୍ୟବସ୍ଥିତ କରାଯାଇଥିବା ବେଳେ ସଠିକ ଉପାୟରେ ଧାନ କ୍ରୟ ପାଇଁ ପ୍ୟାକ୍ସ ଓ ଧାନ କ୍ରୟ କେନ୍ଦ୍ରଗୁଡ଼ିକୁ ୱେ ବ୍ରିଜ୍, ଇଲେକ୍ଟ୍ରୋନିକ୍ ଓଜନ ମେସିନ୍, ଆର୍ଦ୍ରତା ମିଟର ଓ ଅନ୍ୟାନ୍ୟ ଉପକରଣ ଭଳି କାର୍ଯ୍ୟକ୍ଷମ ଭିତ୍ତିଭୂମି ଯୋଗାଇ ଦିଆଯାଇଛି । ଅମଳ ପରବର୍ତ୍ତୀ ପରିଚାଳନାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସାର ଓ ବିହନ ସଂରକ୍ଷଣ ପାଇଁ ପ୍ୟାକ୍ସ/ଲ୍ୟାମ୍ପସ ସ୍ତରରେ ୧୨୮ଟି ବହୁମୁଖୀ ଗୋଦାମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ୧୪ଟି ଜିଲ୍ଲାର ୨୧ଟି ଆରଏମସି ଅଧୀନରେ ୨୮ଟି ସମନ୍ୱିତ ପ୍ୟାକ୍ ହାଉସ୍ ନିର୍ମାଣକୁ ମଞ୍ଜୁରି ମିଳିଛି । ଏହା ସହିତ, ବଜାର ଦକ୍ଷତା ବୃଦ୍ଧି ଏବଂ ଚାଷୀମାନଙ୍କୁ ଲାଭ ପହଞ୍ଚାଇବା ପାଇଁ ଏକ ପାଇଲଟ୍ ପ୍ରକଳ୍ପ ଭାବରେ ଆଧୁନିକ ସୁବିଧା ସହିତ ଛଅଟି ଆଦର୍ଶ ମଣ୍ଡି କାର୍ଯ୍ୟକ୍ଷମ କରାଯାଉଛି ।

25. ମୋ ସରକାର ଜଳ ନିରାପତ୍ତା ଏବଂ କୃଷି ଉତ୍ପାଦକତା ବୃଦ୍ଧିକୁ ସୁନିଶ୍ଚିତ କରିବାକୁ ଯାଇ ଜଳସେଚନ ଓ ଜଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ଜଳ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶାକୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ପଞ୍ଚମ ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯାଇଛି ।

26. ବଲାଙ୍ଗୀରର ଲୋୟର ସୁକତେଲ ପ୍ରକଳ୍ପ, ନୟାଗଡ଼ର କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପ ଓ ବରଗଡ଼ର ଗଙ୍ଗାଧର ମେହେର ପ୍ରକଳ୍ପ ଭଳି ପ୍ରମୁଖ ଜଳସେଚନ ପ୍ରକଳ୍ପର ଆବଣ୍ଟନ ବ୍ୟବସ୍ଥାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । କଳାହାଣ୍ଡି ଜିଲ୍ଲାର ୫ ହଜାର ହେକ୍ଟର ଜମିକୁ ନିଶ୍ଚିତ ଜଳସେଚନ ଏବଂ ପାନୀୟ ଜଳ ଯୋଗାଣ ପାଇଁ ସାନ୍ଦୁଲ ବ୍ୟାରେଜ ପ୍ରକଳ୍ପ ଅଧୀନରେ ୟୁଜିପିଏଲ୍ ବଣ୍ଟନ ବ୍ୟବସ୍ଥା ନିର୍ମାଣ ଚାଲିଛି । ଉଲ୍ଲେଖନୀୟ ଯେ, ପାର୍ବତୀ ଗିରି ମେଗା ଉଠା ଜଳସେଚନ ଯୋଜନାରେ ୨୦୫ଟି ପ୍ରକଳ୍ପ ଶେଷ ହୋଇ ୨.୬ ଲକ୍ଷ ହେକ୍ଟର ଆୟକଟ ଅଞ୍ଚଳ ସୃଷ୍ଟି ହୋଇଥିବା ବେଳେ ୧୭୦ଟି ଅତିରିକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ।

27. ଜଳ ସଂରକ୍ଷଣ ବୃଦ୍ଧି ଏବଂ ଦକ୍ଷ ଉପଯୋଗ ସୁନିଶ୍ଚିତ କରିବା ପାଇଁ ମୋ ସରକାର ଏକାଧିକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି । "ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର" ଯୋଜନାରେ ୭୨ଟି ପ୍ରକଳ୍ପ ମଧ୍ୟରୁ ୬ଟି ନିର୍ମାଣ ଶେଷ ହୋଇଥିବା ବେଳେ ୨୦୨୫-୨୬ ସୁଦ୍ଧା ଆଉ ୨୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଯାଉଛି । "ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା" ମାଧ୍ୟମରେ ୧୫୮ଟି ଚେକ୍ ଡ୍ୟାମ୍ ସମ୍ପୂର୍ଣ୍ଣ ହୋଇଛି ଏବଂ ୨୦୯ଟି ନିର୍ମାଣାଧୀନ ଥିବା ବେଳେ "ଟାଙ୍କି ଓ ଏମ୍ଆଇପିର ଉନ୍ନତି" ଯୋଜନାରେ ୩୧୬ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍ଆଇପି)ର ପୁନରୁଦ୍ଧାର କରାଯାଇଛି ଏବଂ ଅନ୍ୟ ୧୮୮ଟିର କାର୍ଯ୍ୟ ଆଗେଇ ଚାଲିଛି ।

28. ଜଳବାୟୁ ନିୟନ୍ତ୍ରଣ ଓ ସ୍ଥିରତାକୁ ଦୃଷ୍ଟିରେ ରଖି ମୋ ସରକାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ପୁରୀ ଜିଲ୍ଲାରେ ୧୯୩ କିଲୋମିଟର ଲୁଣାବନ୍ଧକୁ ଅନ୍ତର୍ଭୁକ୍ତ କରି "ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ସହନଶୀଳ ଲୁଣାବନ୍ଧ ପ୍ରକଳ୍ପ" ହାତକୁ ନେଇଛନ୍ତି, ଯାହା ମଧ୍ୟରୁ ୯୬ କିଲୋମିଟର ସମ୍ପୂର୍ଣ୍ଣ ହୋଇସାରିଛି । ବିଶ୍ୱବ୍ୟାଙ୍କ ଦ୍ୱାରା ସମର୍ଥିତ ଓଡ଼ିଶା ଜଳବାୟୁ ସହନଶୀଳ କୃଷି ନିମନ୍ତେ ସମନ୍ୱିତ

ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆରଏ) ଜରିଆରେ ୧୫୧ଟି ଏମ୍‌ଆଇପିର ନବୀକରଣ କରାଯାଇ ୧୪,୪୬୩ ହେକ୍ଟର ଜମିକୁ ଜଳସେଚନ ପାଇଁ ଦୃଢୀକରଣ ବ୍ୟବସ୍ଥା କରାଯାଇଛି । ଏହା ସହିତ, ବନ୍ଧ ପୁନର୍ବାସ ଓ ଉନ୍ନତି କାର୍ଯ୍ୟକ୍ରମ (ଡ୍ରିପ୍) ଏବଂ ଜଳ ନିଷ୍କାସନ ଉନ୍ନତି ପଦକ୍ଷେପ ଅଧୀନରେ ୧୦,୦୦୦ କିଲୋମିଟରରୁ ଅଧିକ ଡ୍ରେନ୍ ପୁନରୁଦ୍ଧାର କରାଯାଇଛି ଏବଂ ସ୍ଥାୟୀତ୍ୱ ଓ ଜଳ ବ୍ୟବହାର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇ ପ୍ରାୟ ୨ ଲକ୍ଷ ହେକ୍ଟର ଜଳବନ୍ଦୀ ଚାଷ ଜମିର ପୁନରୁଦ୍ଧାର ପ୍ରୟାସ କରାଯାଇଛି।

29. ହୀରାକୁଦ କମାଣ୍ଡ ଏରିଆରେ ସୁଦକ୍ଷ ଜଳ ପରିଚାଳନା ସୁନିଶ୍ଚିତ କରିବା ପାଇଁ ମୋ ସରକାର ୮୫୫ କୋଟି ଟଙ୍କା ବିନିଯୋଗରେ ୪୬ ବର୍ଷ ପରେ ହୀରାକୁଦ କେନାଲ ବ୍ୟବସ୍ଥାର ପୁନରୁଦ୍ଧାର କରୁଛନ୍ତି । ଏହାବ୍ୟତୀତ ମୋ ସରକାର ନୟାଗଡ଼ର ୫ଟି ମରୁଡ଼ି ପ୍ରବଣ ବ୍ଲକର ୨୩,୩୦୦ ହେକ୍ଟର ଜମିକୁ ଜଳସେଚନ କରିବା ପାଇଁ ଉଦ୍ଦିଷ୍ଟ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ଜଙ୍ଗଲ ମଞ୍ଜୁରୀ ହାସଲ କରିସାରିଛନ୍ତି । ବଲାଙ୍ଗୀରରେ ୩୦୦ କୋଟି ଟଙ୍କା ବ୍ୟୟରେ ଉପର ଲାନ୍ଥ ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।

ଦୂରଦର୍ଶୀ ନେତା ଡ. ବି. ଆର୍ ଆମ୍ବେଦକରଙ୍କ ଭାଷାରେ "ମୁଁ ଏକ ଗୋଷ୍ଠୀର ପ୍ରଗତିକୁ ମହିଳାମାନେ ହାସଲ କରିଥିବା ପ୍ରଗତି ଦ୍ୱାରା ମାପିଥାଏ” ।

30. ରାଷ୍ଟ୍ର ନିର୍ମାଣ ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟ ହାସଲ କରିବାରେ ନାରୀ ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ମୋ ସରକାର ମହିଳା ସଶକ୍ତୀକରଣକୁ ପ୍ରାଥମିକତା ଦେଇଛନ୍ତି । ୨୧ରୁ ୬୦ ବର୍ଷ ବୟସର ପ୍ରାୟ ଏକ କୋଟି ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହନ ଏବଂ ସେମାନଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରି ସେମାନଙ୍କୁ ସଶକ୍ତ କରିବା ପାଇଁ ୨୦୨୪ ରେ ଅଭିନବ "ସୁଭଦ୍ରା" ଯୋଜନା

ଆରମ୍ଭ କରାଯାଇଥିଲା । ଏହି ଯୋଜନାରେ ହିତାଧିକାରୀଙ୍କୁ ୫ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ମିଳିଥାଏ । ମହିଳା ସଶକ୍ତୀକରଣ ଏବଂ ସାମଗ୍ରିକ ବିକାଶ ପ୍ରତି ମୋ ସରକାରଙ୍କ ଅତୁଟ ପ୍ରତିବଦ୍ଧତାକୁ "ସୁଭଦ୍ରା" ପ୍ରତିଫଳିତ କରୁଛି ।

31. ମୋ ସରକାର ମହିଳା ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଏବଂ ପୋଷଣରେ ଉନ୍ନତି ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଶିଶୁ, ଗର୍ଭବତୀ ମହିଳା ଓ ପ୍ରସୂତୀ ମା'ଙ୍କ ସମେତ ପ୍ରାୟ ୪୬ ଲକ୍ଷ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । "ପଡା ପୁଷ୍ଟି କାର୍ଯ୍ୟକ୍ରମ" ଦୁର୍ଗମ ଗ୍ରାମଗୁଡ଼ିକ ପର୍ଯ୍ୟନ୍ତ ପହଞ୍ଚକୁ ସୁନିଶ୍ଚିତ କରୁଥିବା ବେଳେ "ପୂର୍ଣ୍ଣ ଆହାର" କାର୍ଯ୍ୟକ୍ରମରେ ଗୁରୁତର କୁପୋଷଣର ଶିକାର ହୋଇଥିବା ଶିଶୁଙ୍କ ଆରୋଗ୍ୟ ହାର ୭୯% ରହିଛି । "ଆମ କୁନି ପିଲା" ଯୋଜନାରେ ତିନି ବର୍ଷରୁ କମ୍ ବୟସର ପିଲାଙ୍କ ବୋଧଶକ୍ତି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିରେ ପିତାମାତାଙ୍କ ନେତୃତ୍ୱାଧୀନ ଉତ୍ସାହ ଅଭିଯାନ, ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଆଚରଣଗତ ପରିବର୍ତ୍ତନକୁ ପ୍ରୋତ୍ସାହନ ଏବଂ ପିଲାମାନଙ୍କର ସାମଗ୍ରିକ ବିକାଶ ହାସଲ ଲକ୍ଷ୍ୟ ରହିଛି । ଏହାବ୍ୟତୀତ, "ମାଳତୀ ଦେବୀ ପ୍ରାକ-ବିଦ୍ୟାଳୟ ପରିଧାନ ଯୋଜନା"ରେ ପ୍ରାକ-ବିଦ୍ୟାଳୟ ପିଲାଙ୍କୁ ୟୁନିଫର୍ମ ପ୍ରଦାନ କରାଯାଉଛି, ଯାହା ଦ୍ୱାରା ୨୦୨୪-୨୫ ରେ ୧୮ ଲକ୍ଷ ଶିଶୁ ଉପକୃତ ହୋଇଛନ୍ତି ।

32. "ପାଲନା" ଯୋଜନା ଅଧୀନରେ ମୋ ସରକାର କର୍ମଜୀବୀ ମା'ମାନଙ୍କ ଶିଶୁଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରୁଛନ୍ତି । ଏହି ପଦକ୍ଷେପ, କର୍ମସ୍ଥଳରେ ଥିବା ମା'ମାନଙ୍କ ଶିଶୁମାନଙ୍କୁ ମାତୃଯତ୍ନ ଓ ସୁରକ୍ଷାକୁ ସୁନିଶ୍ଚିତ କରି, ମହିଳା କର୍ମଚାରୀଙ୍କ କର୍ମ ନିମଗ୍ନତାକୁ ସମର୍ଥନ କରୁଛି ।

**संगच्छध्वं संवदध्वं, सं वो मनांसि जानताम्** । ଅର୍ଥାତ୍ "ଆସନ୍ତୁ ଆମେ ଏକାଠି ଚାଲିବା, ସମସ୍ୱରରେ କଥା ବାର୍ତ୍ତା କରିବା ଏବଂ ଆମ ମନକୁ ସମାନ ଭାବରେ ବୁଝିବା" – ଋକବେଦ

33. ମୋ ସରକାର ଦିବ୍ୟାଙ୍ଗ ବା ଭିନ୍ନକ୍ଷମ, ନିରାଶ୍ରୟ ଓ ବିଧବା, ବରିଷ୍ଠ ନାଗରିକ, କିନ୍ନର, ଏଡସରେ ପୀଡ଼ିତ ବ୍ୟକ୍ତି, କୁଷ୍ଠ ରୋଗରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି, ଭିକ୍ଷୁକ ଏବଂ ନିଶା ଦ୍ରବ୍ୟ ସେବନର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଏବଂ ସେମାନଙ୍କ ସଶକ୍ତୀକରଣ ପାଇଁ ପ୍ରତିଶ୍ରୁତିବଦ୍ଧ । ସାମାଜିକ ସୁରକ୍ଷା ପେନସନରେ ୫୭ ଲକ୍ଷ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ଯାହାକି, ଦେଶର ସମସ୍ତ ରାଜ୍ୟ ମଧ୍ୟରେ ଜନସଂଖ୍ୟାର ସର୍ବାଧିକ ପ୍ରତିଶତ ଅଟେ । ମୋ ସରକାର ମଧୁ ବାବୁ ପେନସନ ଯୋଜନା ଅଧୀନରେ ନିଃସହାୟ/ପରିତ୍ୟକ୍ତା/ଛାଡପତ୍ର ପାଇଥିବା ମହିଳା, କୋଭିଡ-୧୯ ପୀଡିତ ଅନାଥ ଶିଶୁ ଓ ବିଧବାଙ୍କ ପାଇଁ ପେନସନର ବ୍ୟବସ୍ଥା ମଧ୍ୟ କରିଛନ୍ତି । ମୋ ସରକାର ୨୦୨୫ ଜାନୁଆରୀରୁ ୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ହିତାଧିକାରୀ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତାର ପରିମାଣ ମାସିକ ୩୫୦୦ ଟଙ୍କାକୁ ବୃଦ୍ଧି  କରିଛନ୍ତି ।

34. ମୋ ସରକାର ଦିବ୍ୟାଙ୍ଗ (ଭିନ୍ନକ୍ଷମ)ଙ୍କ ଶିକ୍ଷା ଓ ସଶକ୍ତୀକରଣକୁ ପ୍ରାଥମିକତା ଦେଉଛନ୍ତି । ୬୮୧୫ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ବିଶେଷକରି, ଶ୍ରୁତିବାଧିତଙ୍କୁ ଶିକ୍ଷା ପ୍ରଦାନ ପାଇଁ ରାଜ୍ୟରେ ୧୦୪ଟି ସ୍ୱତନ୍ତ୍ର ବିଦ୍ୟାଳୟ ଓ ଗୋଟିଏ ମହାବିଦ୍ୟାଳୟ ଚାଲିଛି । ସ୍ନାତକ ଓ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ୍ ବଣ୍ଟନ କରାଯାଉଛି । ୨୯,୨୩୩ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବାଣୀଶ୍ରୀ ବୃତ୍ତି ପ୍ରଦାନ କରାଯାଇଛି । ୭୮ଟି ଥେରାପି ସେଣ୍ଟର/ହାଫ୍-ୱେ ହୋମ୍ ଜରିଆରେ ୫୦୯୨ ଜଣ ଶାରୀରିକ, ମାନସିକ ଓ ସାମାଜିକ ଭିନ୍ନକ୍ଷମଙ୍କୁ ଥଇଥାନ କରାଯାଇଛି । ଦିବ୍ୟାଙ୍ଗଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୩୩୪୯ଟି ଦିବ୍ୟାଙ୍ଗ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଦିବ୍ୟାଙ୍ଗମାନଙ୍କୁ ସହାୟତା ଓ ଉପକରଣ ଯୋଗାଇଦେବା ପାଇଁ ବ୍ଲକ ଓ ଗ୍ରାମ

ପଞ୍ଚାୟତ ସ୍ତରରେ "ଭୀମ ଭୋଇ ଭିନ୍ନକ୍ଷମ ସମର୍ଥ ଅଭିଯାନ" (ବିବିଏସ୍ଏ) ଶିବିର ଆୟୋଜନ କରାଯାଉଛି।

35. ମୋ ସରକାର, ଭିକ୍ଷୁକ ଓ ନିରାଶ୍ରୟଙ୍କ କଲ୍ୟାଣ ଓ ଥଇଥାନ ପାଇଁ "ସହାୟ" ଯୋଜନା କାର୍ଯ୍ୟକାରୀ କରିଛନ୍ତି । ବରିଷ୍ଠ ନାଗରିକ ଏବଂ କିନ୍ନରଙ୍କ କଲ୍ୟାଣ ପାଇଁ ଯଥାକ୍ରମେ "ଅବଦାନ" ଏବଂ "ସ୍ୱୀକୃତି" ଭଳି ଯୋଜନା କାର୍ଯ୍ୟକାରୀ କରାଯାଉଛି । ମୋ ସରକାର, ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ନିର୍ମାଣ ଶ୍ରମିକଙ୍କ ପାଇଁ ଅନୁକମ୍ପା ରାଶି ପରିମାଣ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ଅନୁକମ୍ପା ରାଶି ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

36. ମୋ ସରକାର, ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରୁଥିବା ବ୍ୟାପକ କଲ୍ୟାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଉପେକ୍ଷିତ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ପାଇଁ ଅଙ୍ଗୀକାରବଦ୍ଧ ।

37. ଅନୁସୂଚିତ ଜନଜାତିଙ୍କ କଲ୍ୟାଣ ପାଇଁ, ମୋ ସରକାର ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ସାମଗ୍ରିକ ଓ ନିରନ୍ତର ବିକାଶ ହାସଲ କରିବା ପାଇଁ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା "ଧରତୀ ଆବା ଜନଜାତି ଗ୍ରାମ ଉନ୍ନତ ଅଭିଯାନ" (DAJGUA) କାର୍ଯ୍ୟକାରୀ କରୁଛନ୍ତି । ଏହି ପଦକ୍ଷେପ ୨୭ଟି ଜିଲ୍ଲାର ୭୬୬୭ଟି ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଜୀବିକା ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି । ଏହା ଦ୍ୱାରା ପ୍ରାୟ ୮୭ ଲକ୍ଷ ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରି ପ୍ରାୟ ୧୧ ଲକ୍ଷ ଜନଜାତି ପରିବାରକୁ ଲାଭ ପହଞ୍ଚାଇବା ପାଇଁ ସ୍ଥିର କରାଯାଇଛି । ଉଲ୍ଲେଖନୀୟ ପଦକ୍ଷେପ ମଧ୍ୟରେ ଆବାସିକ ବିଦ୍ୟାଳୟ ଗୁଡ଼ିକର ଉନ୍ନତି, ଜଙ୍ଗଲ ଅଧିକାର ଆଇନ ବ୍ୟବସ୍ଥାର ପ୍ରଭାବୀ ପରିଚାଳନା, ଜନଜାତି ବହୁମୁଖୀ ବିପଣନ କେନ୍ଦ୍ର ପ୍ରତିଷ୍ଠା ଏବଂ ସିକଲ୍ ସେଲ୍ ରୋଗ ପରିଚାଳନା ଆଦି ଅନ୍ତର୍ଭୁକ୍ତ । ଏହା ସହିତ, ଜନଜାତି ଐତିହ୍ୟକୁ

ସମ୍ମାନିତ କରିବା ଏବଂ ସାଂସ୍କୃତିକ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଭୁବନେଶ୍ୱରରେ "ଜନଜାତି ଐତିହ୍ୟ ସ୍ୱାଭିମାନ ଭବନ" ଓ "ଜନଜାତି ଭାଷା ଓ ସଂସ୍କୃତି ପ୍ରତିଷ୍ଠାନ" ପ୍ରତିଷ୍ଠା କରାଯାଉଛି ।

38. ମୋ ସରକାର, ଅନୁସୂଚିତ ଜାତିମାନଙ୍କ ପାଇଁ, ଆନ୍ତଃଜାତି ବିବାହ କ୍ଷେତ୍ରରେ ଦମ୍ପତି ପିଛା ପ୍ରୋତ୍ସାହନ ରାଶିକୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି, ଏହା ମାଧ୍ୟମରେ ୨୦୨୪-୨୫ ରେ ୧୧୦୮ ଦମ୍ପତି ଉପକୃତ ହୋଇଛନ୍ତି । ଅତ୍ୟାଚାର ମାମଲାର ସମାଧାନ ପାଇଁ ତଦନ୍ତ ଓ କ୍ଷତିପୂରଣ ବଣ୍ଟନକୁ ତ୍ୱରାନ୍ୱିତ କରି "ସାକାର" (SAACAR) ପୋର୍ଟାଲ ଆରମ୍ଭ କରାଯାଇଛି । "ପ୍ରଧାନମନ୍ତ୍ରୀ ଅନୁସୁଚିତ ଜାତି ଅଭ୍ୟୁଦୟ ଯୋଜନା" (ପିଏମ-ଅଜୟ) ଅଧୀନରେ ଦାରିଦ୍ର୍ୟ ଦୂରୀକରଣ, ଦକ୍ଷତା ବିକାଶ, ଭିତ୍ତିଭୂମି ଉନ୍ନତି ଏବଂ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି । ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ସୁବିଧାରେ ଉନ୍ନତି ଆଣିବା ପାଇଁ ଓଡ଼ିଶାର ୯୨୩ଟି ଗାଁକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଥିବା ବେଳେ "ବାବୁ ଜଗଜୀବନ ରାମ ଛାତ୍ରାବାସ ଯୋଜନା" ଅଧୀନରେ ୧୭୬ଟି ଛାତ୍ରାବାସ ମଞ୍ଜୁର କରାଯାଇଛି ।

**धर्म-अर्थ-काम-मोक्षाणां आरोग्यं मूलं उत्तमं ।** ଅର୍ଥାତ୍ "ସ୍ୱାସ୍ଥ୍ୟ ହେଉଛି ଧର୍ମ-ଅର୍ଥ-କାମ-ମୋକ୍ଷ ପ୍ରାପ୍ତିର ମୂଳ ଭିତ୍ତିଭୂମି" – ଚରକ ସଂହିତା

39. ମୋ ସରକାର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) କାର୍ଯ୍ୟକାରୀ କରୁଛନ୍ତି, ଯେଉଁଥିରେ ମହିଳା ସଦସ୍ୟଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ସହିତ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର କ୍ୟାସ୍ ଲେସ୍ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯାଉଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍ଏଫ୍ଏସ୍ଏସ)ର ହିତାଧିକାରୀମାନେ ଓଡ଼ିଶା ସମେତ ୧୭ଟି ରାଜ୍ୟର ୯୦୦ରୁ ଅଧିକ ତାଲିକାଭୁକ୍ତ ଡାକ୍ତରଖାନାରେ

ଏହାର ଲାଭ ପାଇପାରିବେ । ଏନ୍‌ଏଫ୍‌ଏସ୍‌ଏ କିମ୍ବା ଏସ୍‌ଏଫ୍‌ଏସ୍‌ଏସ୍ ଅଧୀନରେ ଅନ୍ତର୍ଭୁକ୍ତ ନଥିବା ଗ୍ରାମାଞ୍ଚଳ ବାସିନ୍ଦା ସମେତ ସରକାରୀ କର୍ମଚାରୀ, ପେନସନଭୋଗୀ କିମ୍ବା ଆୟକର ଦାତା ହୋଇ ନଥିବା ବ୍ୟକ୍ତିବିଶେଷଙ୍କ ଗୁରୁତର ରୋଗ ପାଇଁ ସମାନ ସୁବିଧା ପ୍ରଦାନ କରାଯାଉଛି । ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମଜେଏୱାଇ)ରେ ଓଡ଼ିଶା ସାମିଲ ହେବା ଦ୍ୱାରା ସାରା ଦେଶର ୨୯,୦୦୦ରୁ ଅଧିକ ତାଲିକାଭୁକ୍ତ ଡାକ୍ତରଖାନାରେ ୩.୫୦ କୋଟି ଲୋକଙ୍କ ପାଇଁ ଏହି ସୁବିଧା ସମ୍ପ୍ରସାରିତ ହୋଇଛି ।

40. ଯୋଗ ଏବଂ ସୁସ୍ଥତା କାର୍ଯ୍ୟକ୍ରମ ସମେତ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ମୋ ସରକାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଏଏଏମ୍) ପଦକ୍ଷେପ ଅଧୀନରେ ୭୩୫୮ ଟି ସ୍ୱାସ୍ଥ୍ୟ ଓ ସୁସ୍ଥତା କେନ୍ଦ୍ରକୁ ସୁଦୃଢ଼ କରିଛନ୍ତି । ଏହା ସହିତ ପ୍ରତି ମାସରେ ଏସ୍‌ଏଚସି ଓ ପିଏଚସିରେ ଆୟୋଜିତ ଆୟୁଷ୍ମାନ ଆରୋଗ୍ୟ ଶିବିର ମାଧ୍ୟମରେ ସ୍ୱାସ୍ଥ୍ୟସେବାକୁ ଜନସମୁଦାୟର ନିକଟତର କରାଯାଇଛି ଏବଂ ମାତ୍ର ପାଞ୍ଚ ମାସ ମଧ୍ୟରେ ୨୪,୭୦୦ରୁ ଅଧିକ ଶିବିର ମାଧ୍ୟମରେ ୧୬ ଲକ୍ଷରୁ ଅଧିକ ଲୋକଙ୍କୁ ସେବା ପ୍ରଦାନ କରାଯାଇଛି ।

41. ମୋ ସରକାର ଟାର୍ଗେଟେଡ୍ ଆରଏମଏନସିଏଏଚ+ଏନ (ପ୍ରଜନନ, ମାତୃ, ନବଜାତ, ଶିଶୁ, କିଶୋର ସ୍ୱାସ୍ଥ୍ୟ ଏବଂ ପୋଷଣ) କାର୍ଯ୍ୟକ୍ରମ ମାଧ୍ୟମରେ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଜାରି ରଖିଛନ୍ତି, ଯାହା ମୃତ୍ୟୁହାର ହ୍ରାସ କରୁଛି । ପ୍ରଧାନମନ୍ତ୍ରୀ ଜନମନ ଅଧୀନରେ ବିଶେଷ ଭାବେ ଅସୁରକ୍ଷିତ ଜନଜାତି ଗୋଷ୍ଠୀ (ପିଭିଟିଜି) ଉତ୍ସର୍ଗୀକୃତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଏବଂ ଏଏନ୍‌ଏମ୍ ସହାୟତା ପାଉଛନ୍ତି, ଏହା ୧.୫୨ ଲକ୍ଷରୁ ଅଧିକ ବ୍ୟକ୍ତିଙ୍କୁ ଉପକୃତ କରୁଛି ।

42. ସହରାଞ୍ଚଳ ସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା କରିବାକୁ ଯାଇ, ମୋ ସରକାର ଏନୟୁଏଚଏମ ମାଧ୍ୟମରେ ୧୧୬ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ

୭ଟି ସହରାଞ୍ଚଳ ସିଏଚସି ପରିଚାଳନା କରୁଛନ୍ତି । ନିଦାନ ଅଧୀନରେ ନିଃଶୁଳ୍କ ରୋଗ ନିରୂପଣ ସେବା ବାର୍ଷିକ ୩.୪୫ କୋଟିରୁ ଅଧିକ ରୋଗୀଙ୍କୁ ଉପକୃତ କରିଛି, ଯାହା ସୁଗମ ସ୍ୱାସ୍ଥ୍ୟସେବା ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି। ମୋ ସରକାର ୮୬୦ ଟି ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ ହାରାହାରି ୨୦ ମିନିଟ୍ ପ୍ରତିକ୍ରିୟା ସମୟ ମଧ୍ୟରେ ଦୈନିକ ୩,୧୦୦ ରୋଗୀଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ସୁନିଶ୍ଚିତ କରୁଛନ୍ତି ।

43. ରାଜ୍ୟରେ ଡାକ୍ତରୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ତାଳଚେର ଓ ଫୁଲବାଣୀରେ ଦୁଇଟି ନୂତନ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଥିବା ବେଳେ ୨୦୨୫-୨୬ରେ ଏମବିବିଏସ୍ ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖା ଆରମ୍ଭ ହେବ ବୋଲି ଆଶା କରାଯାଉଛି । ସ୍ୱାସ୍ଥ୍ୟ ଭିତ୍ତିଭୂମି ବୃଦ୍ଧି ପାଇଁ ମୋ ସରକାରଙ୍କ ପଦକ୍ଷେପର ଅଂଶ ସ୍ୱରୂପ ୨୦୨୪ ଡିସେମ୍ବରରେ କୋରାପୁଟରେ ନୂତନ ନର୍ସିଂ କଲେଜର ଶିଳାନ୍ୟାସ କରାଯାଇଛି । ଏହା ସହିତ ୨୯ ଅକ୍ଟୋବର ୨୦୨୪ରେ ମାନ୍ୟବର ପ୍ରଧାନମନ୍ତ୍ରୀ ୧୦୦ ଶଯ୍ୟା ବିଶିଷ୍ଟ ଜାତୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ମାଲକାନଗିରି, ମୟୂରଭଞ୍ଜ ଓ ବଲାଙ୍ଗୀରରେ ଡେ-କେୟାର ପିଏଚସି, ବ୍ଲକ୍ ପବ୍ଲିକ୍ ହେଲଥ ୟୁନିଟ୍ (ବିପିଏଚୟୁ) ଓ ସବ୍-ଡିଭିଜନ୍ ହସ୍ପିଟାଲ୍ (ଏସଡିଏଚ୍) କୋଠା ସମେତ ୫୫ଟି ସ୍ୱାସ୍ଥ୍ୟସେବା କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ।

44. ମାନବ ସମ୍ବଳକୁ ସୁଦୃଢ଼ କରି ସ୍ୱାସ୍ଥ୍ୟସେବା ବୃଦ୍ଧି ପାଇଁ ମୋ ସରକାର ୨୭୫୩ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ (ମହିଳା), ୨୩୯ ରେଡିଓଗ୍ରାଫର, ୮୫ ହୋମିଓପ୍ୟାଥିକ ଚିକିତ୍ସା ଅଧିକାରୀ, ୧୧୦ ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ଏବଂ ୧୯ ଆୟୁର୍ବେଦିକ ଅଧ୍ୟାପକଙ୍କ ସମେତ ୬୫୯ ଜଣ ମେଡିକାଲ ଅଫିସର ଏବଂ ପାରାମେଡିକ୍ସଙ୍କୁ ନିଯୁକ୍ତ କରିଛନ୍ତି ।

45. ଚଳିତ ବର୍ଷ ୫୦ ଜଣ ଏମବିବିଏସ ଛାତ୍ରଛାତ୍ରୀଙ୍କ ପ୍ରଥମ ବ୍ୟାଚ୍ ନାମଲେଖା ସହ ଯାଜପୁରର ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଚେନ୍ନାଇର ଏମଜିଏମ ହେଲଥକେୟାର ସହିତ ସହଭାଗିତାରେ କଟକର ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ହୃତପିଣ୍ଡର ପ୍ରତିରୋପଣ ସେବା ଆରମ୍ଭ କରାଯାଇଛି ଏବଂ ରାଜ୍ୟର ପ୍ରଥମ ଅସ୍ଥି ବ୍ୟାଙ୍କ ମଧ୍ୟ ସେଠାରେ ଉଦଘାଟିତ ହୋଇଛି ।

46. ମୋ ସରକାର ଜାତୀୟ ଶିକ୍ଷା ନୀତି-୨୦୨୦କୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ନୀତିର କାର୍ଯ୍ୟକାରିତାକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଭାବରେ ଅନୁବର୍ତ୍ତିତ କରାଯିବ । ଏହାଦ୍ୱାରା ରାଜ୍ୟର ୬୧,୬୯୩ଟି ବିଦ୍ୟାଳୟରେ ପଢୁଥିବା ପ୍ରାୟ ୭୭ ଲକ୍ଷ ସ୍କୁଲ ପିଲା ଉପକୃତ ହେବେ । ଏହି ପଦକ୍ଷେପ ମାଧ୍ୟମରେ ସମଗ୍ର ଶିକ୍ଷା ଦ୍ୱାରା ସଶକ୍ତ ଛାତ୍ରଛାତ୍ରୀ ମାନେ ବିଭିନ୍ନ ଜାତୀୟ ଓ କେନ୍ଦ୍ରୀୟ ବୋର୍ଡର ଛାତ୍ରଛାତ୍ରୀଙ୍କ ସହ ସମାନ ଭିତ୍ତିରେ ରହିବା ପାଇଁ ସମର୍ଥ ହେବେ। ପ୍ରାରମ୍ଭିକ ଶୈଶବ ଶିକ୍ଷା, ନମନୀୟ ପାଠ୍ୟକ୍ରମ ଏବଂ ବହୁଭାଷୀ ଶିକ୍ଷାକୁ ସମର୍ଥନ କରି, ଏନଇପି କାର୍ଯ୍ୟକାରିତା ସୁନିଶ୍ଚିତ କରିବ ଯେ ଶିକ୍ଷା ଉଭୟ ସୁଲଭତା ଏବଂ ଅନ୍ତର୍ଭୁକ୍ତୀକରଣ ଦ୍ୱାରା ସମଗ୍ର ରାଜ୍ୟର ବିବିଧ ଆବଶ୍ୟକତା ପୂରଣ କରିବ ।

47. ମୋ ସରକାର ପିଏମ୍ ସ୍କୁଲ୍ ଫର୍ ରାଇଜିଂ ଇଣ୍ଡିଆ (ପିଏମ୍–ଶ୍ରୀ) କାର୍ଯ୍ୟକାରୀ କରିଛନ୍ତି ଏବଂ ଆଧୁନିକ ଶିକ୍ଷା ପରିବେଶ ସହିତ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ବ୍ଲକସ୍ତରରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଛି ଯେଉଁ ଗୁଡ଼ିକ ରୋଲ ମଡେଲ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ନିଜ ନିଜ ଅଞ୍ଚଳରେ ନେତୃତ୍ୱ ପ୍ରଦାନ କରୁଛନ୍ତି ।

48. ଏନଇପି ୨୦୨୦ରେ ପରିକଳ୍ପନା କରାଯାଇଥିବା ରାଜ୍ୟର ଏକ ପ୍ରମୁଖ ପଦକ୍ଷେପ "ନିପୁଣ ଓଡ଼ିଶା ମିଶନ"ର ଶୁଭାରମ୍ଭ କରାଯାଇଛି ଏବଂ ଏହା ଦ୍ୱାରା ପ୍ରାୟ ୪୫,୦୦୦ ବିଦ୍ୟାଳୟ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ । ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଖେଳ ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଏବଂ ବିଭିନ୍ନ ପୃଷ୍ଠଭୂମିର ପିଲାମାନଙ୍କୁ ସମ୍ବଳ ଉପଲବ୍ଧ କରାଇବା ଦିଗରେ ମୋ ସରକାର କାର୍ଯ୍ୟ କରୁଛନ୍ତି । ମୋ ସରକାର ସ୍ୱତନ୍ତ୍ର ଶିକ୍ଷାଦାନ ପଦ୍ଧତି ଉପଯୋଗରେ, ବୟସାନୁକ୍ରମିକ ଶିକ୍ଷଣ ସାମଗ୍ରୀ ସୃଷ୍ଟି କରି ଏବଂ ଶିକ୍ଷଣକୁ ସମର୍ଥନ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ (ଏଫଏଲଏନ)ରେ ଉନ୍ନତି ଆଣିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି ।

49. ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମାଧ୍ୟମରେ, ମୋ ସରକାର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି 6794ଟି ପ୍ରାଥମିକ ବିଦ୍ୟାଳୟକୁ, ବହୁବିଧ ବିଷୟକ ଶିକ୍ଷା, ଭିତ୍ତିଭୂମି ଉନ୍ନତି, ସାମାଜିକ-ଭାବନାତ୍ମକ ଶିକ୍ଷା, ଜୀବନ କୌଶଳ ଶିକ୍ଷା ଏବଂ ସମାନ ଶିକ୍ଷା ପରିବେଶ ସହିତ ଏକ ସାମଗ୍ରିକ ଶିକ୍ଷା କେନ୍ଦ୍ରରେ ବିକଶିତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ପଞ୍ଚସଖା ଶିକ୍ଷା ସେତୁ ମାଧ୍ୟମରେ ମୋ ସରକାର ଶିକ୍ଷାଦାନ ଓ ଶିକ୍ଷାଦାନ ପଦ୍ଧତିର ରୂପାନ୍ତରଣକୁ ସମର୍ଥନ କରିବା ସହିତ ସମସ୍ତ ଅଂଶୀଦାରମାନଙ୍କୁ ସାମିଲ କରି ବିଦ୍ୟାଳୟ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଉନ୍ନତ ପରିବେଶ ସୃଷ୍ଟି କରୁଛନ୍ତି ।

50. ଓଡ଼ିଆ ଅସ୍ମିତା ପ୍ରତି ମୋ ସରକାରଙ୍କ ପ୍ରତିବଦ୍ଧତା ଅନୁଯାୟୀ, ରାଜ୍ୟ ସରକାର ଗୁଣାତ୍ମକ ଭିତ୍ତିଭୂମି, ଶିକ୍ଷଣ ସମ୍ବଳ ଏବଂ ଅନ୍ତର୍ଜାତୀୟ ମାନର ଅଭିନବ ଶିକ୍ଷା କାର୍ଯ୍ୟକ୍ରମରେ ସଜ୍ଜିତ ଉତ୍କର୍ଷ କେନ୍ଦ୍ର ଭାବରେ ୫୧ଟି "ଐତିହ୍ୟ ବିଦ୍ୟାଳୟ-ସ୍ୱାଧୀନତା ପୂର୍ବବର୍ତ୍ତୀ ବିଦ୍ୟାଳୟ"କୁ ଚିହ୍ନଟ କରିଛନ୍ତି । ଏହି ବିଦ୍ୟାଳୟ ଗୁଡ଼ିକର

ବିକାଶ ଆମର ଐତିହ୍ୟ ଏବଂ ରାଜ୍ୟରେ ଶିକ୍ଷାର ଆକାଂକ୍ଷୀ ଭବିଷ୍ୟତ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରିବ ।

51. ପାଠପଢ଼ାରେ ଉନ୍ନତି ଆଣିବା ଏବଂ ମାଧ୍ୟମିକ ପର୍ଯ୍ୟାୟ ପରେ ଡ୍ରପ୍ ଆଉଟ୍ ହ୍ରାସ କରିବା ପାଇଁ ମୋ ସରକାର ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରୁଛନ୍ତି । ଚଳିତ ଶିକ୍ଷାବର୍ଷରେ ୧୯୯ଟି ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଛି। ଏହି ପରିବର୍ତ୍ତନ ଛାତ୍ରଛାତ୍ରୀ ମାନଙ୍କୁ ସେହି ବିଦ୍ୟାଳୟରେ ସେମାନଙ୍କର ଅଧ୍ୟୟନ ଜାରି ରଖିବାକୁ ଅନୁମତି ପ୍ରଦାନ କରୁଛି, ଯାହା ସେମାନଙ୍କର ଶିକ୍ଷାଗତ ଯାତ୍ରାରେ ଅଧିକ ନିରନ୍ତରତା ପ୍ରଦାନ କରିବ ।

52. ମୋ ସରକାର ୧୭୬୨ଟି ବିଦ୍ୟାଳୟ ଏବଂ ୫୮୪୧ଟି ହଷ୍ଟେଲ ମାଧ୍ୟମରେ ୪.୩୬ ଲକ୍ଷ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ଆବାସିକ ବିଦ୍ୟାଳୟ ସୁବିଧା ପ୍ରଦାନ କରିଛନ୍ତି । ମୋ ସରକାର "ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା"ରେ ୨୦୨୪-୨୫ ବର୍ଷ ରେ ୮.୭୧ ଲକ୍ଷ ଛାତ୍ରଛାତ୍ରୀଙ୍କୁ ୫୮୮ କୋଟି ଟଙ୍କାର ପ୍ରି-ମାଟ୍ରିକ ସ୍କଲାରସିପ୍ ଏବଂ ଏସଟି, ଏସସି, ଓବିସି ଓ ଇବିସି ବର୍ଗର ୨.୪୪ ଲକ୍ଷ ଛାତ୍ରଛାତ୍ରୀଙ୍କୁ ୩୪୦ କୋଟି ଟଙ୍କାର ପୋଷ୍ଟ ମାଟ୍ରିକ ସ୍କଲାରସିପ୍ ମଞ୍ଜୁର କରିଛନ୍ତି ।

53. ମୋ ସରକାର ନବମ ଓ ଏକାଦଶ ଶ୍ରେଣୀରେ ପଢୁଥିବା ଯୋଗ୍ୟ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ "ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା" ଅଧୀନରେ ଏକକାଳୀନ ଆର୍ଥିକ ପ୍ରୋତ୍ସାହନ ବାବଦରେ ୫୦୦୦ ଟଙ୍କା ପ୍ରଦାନ କରୁଛନ୍ତି । ଏହି ଯୋଜନା ପ୍ରାୟ ୧.୬୨ ଲକ୍ଷ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବ । ମାଧ୍ୟମିକ ପର୍ଯ୍ୟାୟ ପରେ ଡ୍ରପ୍ ଆଉଟ୍ ହ୍ରାସ କରିବା ପାଇଁ ମୋ ସରକାର ପୂର୍ବରୁ ୧୫ଟି ଆଶ୍ରମ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ଓ ୧୫ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ

ପରିଣତ କରିଥିବା ବେଳେ ୨୦୨୪-୨୫ ବର୍ଷରେ ୧୫ଟି ଆଶ୍ରମ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ଏବଂ ୧୩ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବା ପାଇଁ ପଦକ୍ଷେପ ନେଉଛନ୍ତି ।

54. ମୋ ସରକାର ୨୦୨୪-୨୫ ଶିକ୍ଷାବର୍ଷରୁ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକରେ ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ କରିଛନ୍ତି । ଏଥିରେ ସହଜରେ ପାଠ୍ୟକ୍ରମରୁ ବାହାରିବା ଏବଂ ପୁନଃପ୍ରବେଶ କରିବା ବିକଳ୍ପ ସହିତ ଚାରି ବର୍ଷିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ ପ୍ରଚଳନ ଏବଂ ନୂତନ ରାଜ୍ୟସ୍ତରୀୟ କ୍ରେଡିଟ୍ ସିଷ୍ଟମ ଅନ୍ତର୍ଭୁକ୍ତ ଯାହା ଦକ୍ଷତା ବିକାଶ, ଇଣ୍ଟର୍ନସିପ୍, ଗୋଷ୍ଠୀ ସେବା ଏବଂ ପାଠ୍ୟକ୍ରମ ବହିର୍ଭୁତ କାର୍ଯ୍ୟକଳାପକୁ ସମନ୍ୱିତ କରିଥାଏ ।

55. ମୋ ସରକାର ଉଚ୍ଚଶିକ୍ଷାରେ ଉତ୍କର୍ଷତା ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉନ୍ନତ ଶିକ୍ଷା, ଗବେଷଣା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଅନ୍ୟୁନ ପାଞ୍ଚଟି ନୂତନ ଉତ୍କର୍ଷ କେନ୍ଦ୍ର ଖୋଲାଯିବ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗ ଅନୁକୂଳ ବାତାବରଣ ସୃଷ୍ଟି କରିବା ପାଇଁ ପ୍ରୟାସ ରହିବ ଯାହାକି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷା ପ୍ରଦାନ ସୁନିଶ୍ଚିତ କରିବ । ଏନଇପି-୨୦୨୦ ଅନୁଯାୟୀ ୪ଟି ବିଶ୍ୱବିଦ୍ୟାଳୟକୁ "ମେରୁ" (ମଲ୍ଟିଡିସିପ୍ଲିନାରୀ ଏଜୁକେସନ ଆଣ୍ଡ ରିସର୍ଚ୍ଚ ୟୁନିଭର୍ସିଟି)କୁ ଉନ୍ନୀତ କରାଯିବ । କ୍ରମବର୍ଦ୍ଧିଷ୍ଣୁ ଉନ୍ନତ ଶିକ୍ଷାର ଚାହିଦାକୁ ପୂରଣ କରିବା ପାଇଁ ଆମେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକର ସ୍ନାତକୋତ୍ତର ଆସନ ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି କରିବୁ ।

56. ମୋ ସରକାର ୨୦୨୪-୨୫ରେ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଏକ ଶକ୍ତିଶାଳୀ କୁଶଳୀ ଶ୍ରମଶକ୍ତି ଗଠନ ପାଇଁ ଓଡ଼ିଶାର ଲକ୍ଷ୍ୟକୁ ସୁଦୃଢ଼ କରିଛନ୍ତି, ଯାହା "ବିକଶିତ ଓଡ଼ିଶା"ର ସ୍ୱପ୍ନକୁ

ବାସ୍ତବତାରେ ପରିଣତ କରିପାରିବ । ବର୍ତ୍ତମାନ ସମସ୍ତ ୩୦ଟି ଜିଲ୍ଲାରେ ଅତି କମରେ ଗୋଟିଏ ସରକାରୀ ଆଇଟିଆଇ ଓ ପଲିଟେକ୍ନିକ୍ କଲେଜ ରହିଛି, ଯାହାର ସର୍ବମୋଟ ପ୍ରଶିକ୍ଷାର୍ଥୀ ଗ୍ରହଣ କ୍ଷମତା ୨୩,୫୬୦ ଅଟେ । ଆଇଟିଆଇର ଖାଲି ଆସନ ହାର ୪ ପ୍ରତିଶତରୁ ୦.୫ ପ୍ରତିଶତକୁ ହ୍ରାସ କରିବା ଏବଂ ସୁଦକ୍ଷା ଯୋଜନାରେ ଝିଅଙ୍କ ନାମଲେଖା ୧୮ ପ୍ରତିଶତରୁ ୨୯.୫ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ବାର୍ଷିକ ୨୦ ପ୍ରତିଶତ ହାଇସ୍କୁଲରେ ବୃତ୍ତିଗତ ପରାମର୍ଶ ଅଭିଯାନ ପ୍ରୟାସ କରାଯାଉଛି । ସରକାରୀ ଆଇଟିଆଇରେ ପାଖାପାଖି ୧ ଲକ୍ଷ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ସାମସ (ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ) ପୋର୍ଟାଲ ଜରିଆରେ ପଲିଟେକ୍ନିକ୍ସରେ ୪୫,୩୭୮ ଜଣ ନାମ ଲେଖାଇଛନ୍ତି ।

57. ମୋ ସରକାର ଗୁଣାତ୍ମକ ବିକାଶ ଉପରେ ଧ୍ୟାନ ଦେଉଥିବାରୁ, ଭାରତରେ ଶ୍ରେଷ୍ଠ ୧୦୦ ମଧ୍ୟରେ ଆ୦ଟି ସରକାରୀ ଆଇଟିଆଇ ଏବଂ ରାଜ୍ୟର ଶ୍ରେଷ୍ଠ ୧୦ ମଧ୍ୟରେ ପାଞ୍ଚଟି ସରକାରୀ ପଲିଟେକ୍ନିକ୍ ସ୍ଥାନିତ ହୋଇଛି । ଆଇଟିଆଇ ଓ ପଲିଟେକ୍ନିକ୍ ପାଠ୍ୟକ୍ରମରେ ପ୍ରଯୁକ୍ତିବିଦ୍ୟା ଅଗ୍ରଗତିକୁ ସାମିଲ କରାଯାଇ, ନୂତନ ଯୁଗର ବାଣିଜ୍ୟ ଯଥା:- ଆଇଓଟି, 3ଡି ପ୍ରିଣ୍ଟିଂ, ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଏବଂ ଇ-ଯାନ ଲ୍ୟାବ ଭଳି ପାଠ୍ୟକ୍ରମ ପ୍ରଚଳନ କରାଯାଇଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପୋଦ୍ୟୋଗ ପାଇଁ ପ୍ରସ୍ତୁତ ହେବାକୁ ନିଶ୍ଚିତ କରୁଛି ।

58. ମୋ ସରକାର ଅତ୍ୟାଧୁନିକ ସୁବିଧାସୁଯୋଗର ଉପଲବ୍ଧତାକୁ ସୁନିଶ୍ଚିତ କରି ଆଇଟିଆଇ ଏବଂ ପଲିଟେକ୍ନିକ୍ସ ଗୁଡ଼ିକୁ ଶିଳ୍ପ ପାଇଁ ପ୍ରସ୍ତୁତ ଓ ଆକାଂକ୍ଷୀ କରିବାକୁ ଭିତ୍ତିଭୂମିର ନିୟମିତ ଉନ୍ନତିକରଣ କରୁଛନ୍ତି । ଏଥି ସହିତ, ଭୁବନେଶ୍ୱର ସ୍ଥିତ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ଏବଂ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)କୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ସହିତ ନାକ୍ ଏବଂ

ଏନଆଇଆରଏଫ ମାନ୍ୟତା ଭଳି ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କରେ ଉନ୍ନତି ଆଣିବା ଉପରେ ମୋ ସରକାର ଗୁରୁତ୍ୱ ଦେଉଛନ୍ତି ।

59. ମୋ ସରକାର ସଂକଳ୍ପ (ଜୀବିକା ପ୍ରୋତ୍ସାହନ ପାଇଁ ଦକ୍ଷତା ଅଧିଗ୍ରହଣ ଏବଂ ଜ୍ଞାନ ସଚେତନତା) ଏବଂ ମଡେଲ କ୍ୟାରିୟର ସେଣ୍ଟର (ଏମସିସି) ପ୍ରତିଷ୍ଠା ଭଳି କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି । ସଂକଳ୍ପ ଯୋଜନାର ଉଦ୍ଦେଶ୍ୟ ହେଉଛି ଦକ୍ଷତା ବିକାଶ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସମଗ୍ର ଦେଶରେ ଯୁବକମାନଙ୍କ ପାଇଁ ଗୁଣାତ୍ମକ ଏବଂ ବଜାର ଚାହିଦାକୁ ଦୃଷ୍ଟି ଦେଇ ତାଲିମର ଉପଲବ୍ଧତା ବୃଦ୍ଧି କରିବା ।

60. କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି । ପ୍ରତିଭା ପ୍ରୋତ୍ସାହନ, ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ଏବଂ ଦେଶ ପାଇଁ ଏକ ମଡେଲ ଭାବରେ ଉଭା ହୋଇଥିବା ଭିତ୍ତିଭୂମି ନିର୍ମାଣରେ ଆମ ରାଜ୍ୟ ଏକ ଶକ୍ତିଶାଳୀ ପ୍ରଦେଶ ଭାବେ ଉଭା ହୋଇଛି । ପ୍ରଥମ ଥର ପାଇଁ ହକି ଇଣ୍ଡିଆ ବରିଷ୍ଠ ପୁରୁଷ ଜାତୀୟ ଚାମ୍ପିଆନଶିପ୍ ୨୦୨୪ରେ ଓଡ଼ିଶା ଐତିହାସିକ ବିଜୟ ହାସଲ କରିଥିବା ବେଳେ ଆମର ସିନିଅର ମହିଳା ଫୁଟବଲ୍ ଦଳ ଜାତୀୟ ଚାମ୍ପିଆନସିପରେ ଉପବିଜେତା ହୋଇଛି । ସେହିଭଳି ଦୌଡକୁଦ, ସନ୍ତରଣ, ଖୋଖୋ ଓ ରଗବି ଏବଂ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ଆମ କ୍ରୀଡାବିତମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି ।

61. ଉଭୟ ଅନ୍ତର୍ଜାତୀୟ ଓ ଜାତୀୟ ପ୍ରତିଭାଙ୍କୁ ସମ୍ମାନିତ କରୁଥିବା ପ୍ରତିଷ୍ଠିତ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଓଡ଼ିଶା ଏକ ପସନ୍ଦର ସ୍ଥାନ । ସେଗୁଡିକ ମଧ୍ୟରେ ଆୟୋଜିତ ହକି ଇଣ୍ଡିଆ ଲିଗ୍, ଓଡ଼ିଶା ମାଷ୍ଟର୍ସ ୨୦୨୪, ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର୍ ଏମ୍୨୫, ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଆନସିପ୍, ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଚାମ୍ପିଆନଶିପ୍, ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିଆନସିପ୍ ଓ ଇଣ୍ଡିଆନ୍ ସୁପର ଲିଗ୍ ପ୍ରମୁଖ ଅନ୍ୟତମ ।

62. ଗ୍ରାମୀଣ ଆବାସ ଯୋଜନା ମାଧ୍ୟମରେ ସମସ୍ତ ବାସହୀନ ଲୋକ ଏବଂ କଚ୍ଚା ଘରେ ରହୁଥିବା ପରିବାରକୁ ପକ୍କା ଘର ଯୋଗାଇବା ପାଇଁ ମୋ ସରକାର ପ୍ରତିବଦ୍ଧ । ରାଜ୍ୟର ୪୦ ପ୍ରତିଶତ ସହଯୋଗ ସହିତ କେନ୍ଦ୍ରୀୟ ପ୍ରାୟୋଜିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ସଫଳତାର ସହିତ କାର୍ଯ୍ୟକାରୀ କରୁଛି । "ସମସ୍ତଙ୍କୁ ଆଶ୍ରୟ ସୁରକ୍ଷା" ଲକ୍ଷ୍ୟ ହାସଲ କରିବା ପାଇଁ ରାଜ୍ୟ "ଅନ୍ତ୍ୟୋଦୟ ଗୃହ ଯୋଜନା" ମଧ୍ୟ ଆରମ୍ଭ କରିଛି । ମୋ ସରକାର, ସହରାଞ୍ଚଳରେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରି ସମସ୍ତଙ୍କ ପାଇଁ ସୁଲଭ ବାସଗୃହ ନିର୍ମାଣ କରିବାକୁ ପ୍ରତିବଦ୍ଧ ।

63. ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ପାଇବା ଏକ ମୌଳିକ ଅଧିକାର ଯାହାକୁ ବଜାୟ ରଖିବାକୁ ମୋ ସରକାର ପ୍ରତିଶ୍ରୁତିବଦ୍ଧ । ୨୦୨୬ ସୁଦ୍ଧା କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ (ଏଫ୍ଏଚଟିସି) ମାଧ୍ୟମରେ ସମସ୍ତ ଗ୍ରାମୀଣ ପରିବାରକୁ ସୁରକ୍ଷିତ ଏବଂ ସ୍ଥାୟୀ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ମୋ ସରକାର ଆବଶ୍ୟକୀୟ ପ୍ରୟାସ କରୁଛନ୍ତି । ମୋ ସରକାର ଓଡ଼ିଶାର ସମସ୍ତ ୧୧୫ଟି ସହରରେ ଘରୋଇ ପାଇପ ସଂଯୋଗ ସଂପୂର୍ଣ୍ଣ କରିବା ସହିତ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହା ଦ୍ୱାରା ଜନସ୍ୱାସ୍ଥ୍ୟ ବୃଦ୍ଧି ପାଇବ, ଜଳବାହିତ ରୋଗର ପ୍ରକୋପ ହ୍ରାସ ପାଇବ ଏବଂ ସ୍ଥାୟୀ ସହରୀ ଜୀବନ ଯାପନକୁ ପ୍ରୋତ୍ସାହନ ମିଳିବ ।

64. ପରିମଳ ହେଉଛି ବିକଶିତ ଭାରତ ଦୃଷ୍ଟିକୋଣର ଏକ ମୂଳଦୁଆ । ୨୦୨୪-୨୫ ବର୍ଷର ଡିସେମ୍ବର ୨୦୨୪ ସୁଦ୍ଧା ପ୍ରାୟ ୪.୨୦ ଲକ୍ଷ ବ୍ୟକ୍ତିଗତ ଘରୋଇ ଶୌଚାଳୟ (ଆଇଏଚ୍ଏଚ୍ଏଲ୍) ନିର୍ମାଣ କରାଯାଇଛି। ସାର୍ବଜନୀନ ପରିମଳ ସୁବିଧା ସୁନିଶ୍ଚିତ କରିବା ଏବଂ ବାହ୍ୟ ମଳମୁକ୍ତ ମାନ୍ୟତା ବଜାୟ ରଖିବା ପାଇଁ ରାଜ୍ୟରେ ୪୯୭ରୁ ଅଧିକ କମ୍ୟୁନିଟି ସାନିଟାରୀ କମ୍ପ୍ଲେକ୍ସ (ସିଏସସି) ନିର୍ମାଣ କରାଯାଇଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟର ସମସ୍ତ ୬୭୯୪

ଗ୍ରାମ ପଞ୍ଚାୟତ ଉପବିଧି ଗ୍ରହଣ କରିଛନ୍ତି ଏବଂ ସମସ୍ତ ଗ୍ରାମ ପଞ୍ଚାୟତ ଏବେ କଠିନ ଏବଂ ତରଳ ବର୍ଜ୍ୟବସ୍ତୁର ସୁରକ୍ଷିତ ପରିଚାଳନାକୁ ପ୍ରାଥମିକତା ଦେଉଛନ୍ତି। ୨୦୨୪-୨୫ରେ ଡିସେମ୍ବର ୨୦୨୪ ସୁଦ୍ଧା ୯୬ ପ୍ରତିଶତ ଗାଁକୁ ଓଡିଏଫ+ ଘୋଷଣା କରାଯାଇଥିବା ବେଳେ ୪୪,୮୨୫ରୁ ଅଧିକ ଗାଁକୁ ଆଦର୍ଶ ଗ୍ରାମ ଘୋଷଣା କରାଯାଇଛି ।

65. ସହରଗୁଡିକରେ କଠିନ, ତରଳ ଏବଂ ବର୍ଜ୍ୟଜଳ ପରିଚାଳନାକୁ ବୃଦ୍ଧି କରିବା ପାଇଁ ମୋ ସରକାର ଏକ ନୂତନ ଯୋଜନା "ସ୍ୱଚ୍ଛ ଓଡ଼ିଶା" ପ୍ରସ୍ତାବ ରଖିଛନ୍ତି । ପ୍ରମୁଖ ପଦକ୍ଷେପ ମଧ୍ୟରେ ପୁରୁଣା ବର୍ଜ୍ୟବସ୍ତୁର ଶତ ପ୍ରତିଶତ ଜୈବ ପ୍ରତିକାର, ବଡ଼ ସହରରେ ଜୈବ ଗ୍ୟାସ୍ କାରଖାନା ପ୍ରତିଷ୍ଠା ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀକୁ ସୁଦୃଢ଼ କରିବା ଅନ୍ତର୍ଭୁକ୍ତ ।

66. ସମସ୍ତ ନାଗରିକଙ୍କ ପାଇଁ ନିରାପଦ ଯାତ୍ରା ସୁନିଶ୍ଚିତ କରିବା ହେଉଛି ମୋ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ଆମେ ଏକ ବିକଶିତ ଓଡ଼ିଶା ପାଇଁ କାର୍ଯ୍ୟ କରୁଥିବା ସମୟରେ, ମୋ ସରକାର ଏକ ଉଜ୍ଜ୍ୱଳ ଏବଂ ଅଧିକ ସଂଯୁକ୍ତ ଭବିଷ୍ୟତ ପାଇଁ ମୂଳଦୁଆ ସ୍ଥାପନ କରୁଛନ୍ତି, ଯେଉଁଠାରେ ପ୍ରତ୍ୟେକ ନାଗରିକଙ୍କୁ ଆମ ମହାନ ରାଷ୍ଟ୍ରର ପ୍ରଗତିରେ ଯୋଗଦାନ କରିବାର ସୁଯୋଗ ମିଳିବ । ସମ୍ପୂର୍ଣ୍ଣ ଭାବେ ମହିଳାଙ୍କ ଦ୍ୱାରା ପରିଚାଳିତ "ମହିଳା ସ୍ୱତନ୍ତ୍ର ବସ୍" ଭଳି ପଦକ୍ଷେପ ମହିଳାଙ୍କ ସୁରକ୍ଷା ଏବଂ ସଶକ୍ତୀକରଣକୁ ପ୍ରାଥମିକତା ଦେବା ପାଇଁ ଅଙ୍ଗୀକାରବଦ୍ଧତାକୁ ଦର୍ଶାଉଛି ।

67. ମୁଖ୍ୟମନ୍ତ୍ରୀ ବସ ସେବା ଉପକ୍ରମ ସୁଲଭ ଏବଂ ଦକ୍ଷ ବସ୍ ସେବା ପ୍ରଦାନ, ଦୁର୍ଗମ ଅଞ୍ଚଳକୁ ସହରାଞ୍ଚଳ ସହ ସଂଯୋଗ କରିବା ଏବଂ ବିଭିନ୍ନ ଅଞ୍ଚଳକୁ ଗମନାଗମନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରୁଛି । ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମସ୍ତ ନାଗରିକଙ୍କ ପାଇଁ ସୁରକ୍ଷିତ ରାସ୍ତା ସୁନିଶ୍ଚିତ କରିବା ଦିଗରେ ପ୍ରତିବଦ୍ଧତାକୁ ଦର୍ଶାଉଛି ।

୬୮. ସହରାଞ୍ଚଳରେ ସୁଦୃଢ ଗମନାଗମନ ବ୍ୟବସ୍ଥା ସମୃଦ୍ଧ ସହରଗୁଡ଼ିକର ମେରୁଦଣ୍ଡ ସଦୃଶ । ମୋ ସରକାର ଏହି ଉଦ୍ଦେଶ୍ୟରେ ନୂତନ ଯୋଜନା "ଅର୍ବାନ ମୋବିଲିଟି" ଆରମ୍ଭ କରିଛନ୍ତି । ଏହି ଯୋଜନାରେ ଭୁବନେଶ୍ୱର ପାଇଁ ୧୫୦ଟି ଇ-ବସ୍ କ୍ରୟ ଏବଂ ଆଠଟି ଅତିରିକ୍ତ ସହରକୁ ମୋ-ବସ୍ ସେବା ବିସ୍ତାର ଅନ୍ତର୍ଭୁକ୍ତ । ଆହୁରି ମଧ୍ୟ, ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନା ଅଧୀନରେ ରାଜ୍ୟର ବିଭିନ୍ନ ସହରରେ ୪୦୦ଟି ଇ-ବସ୍ ନିୟୋଜିତ କରାଯିବ । ଏହି ନିବେଶ ଗୁଡିକ ସଂଯୋଗୀକରଣ ବୃଦ୍ଧି, ପରିବେଶ ପ୍ରଭାବ ହ୍ରାସ ଏବଂ ଓଡ଼ିଶାର ସହରାଞ୍ଚଳ ପରିବହନ ଦୃଶ୍ୟପଟ୍ଟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତି ଦେଉଛି । ଉନ୍ନତ ମାନର ଜୀବନଶୈଳୀ, ଉତ୍ପାଦକତା ଓ ନିଯୁକ୍ତି ସୃଷ୍ଟି ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଏକ ସ୍ୱଚ୍ଛ, ସବୁଜ ପରିବେଶ ସାମଗ୍ରୀକ ରୂପେ ଓଡ଼ିଶାର ସହରଗୁଡ଼ିକୁ ନିରନ୍ତର ବିକାଶର ମଡେଲରେ ପରିଣତ କରିବ ।

୬୯. ମୋ ସରକାର ରାଜ୍ୟର ଗ୍ରାମାଞ୍ଚଳରେ ଉତ୍ତମ ସଡ଼କ ସଂଯୋଗ ଏବଂ ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରତିଶ୍ରୁତିବଦ୍ଧ । ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ୧୪୩୯ କିଲୋମିଟର ରାସ୍ତା ନିର୍ମାଣ ସରିଛି, ଯେଉଁଥିରେ ପିଏମଜିଏସୱାଇ ଅଧୀନରେ ୪୬୪ କିଲୋମିଟର ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମଏମଏସୱାଇ) ଅଧୀନରେ ୯୭୫.୦୭ କିଲୋମିଟର ଅନ୍ତର୍ଭୁକ୍ତ । ଏହାବ୍ୟତୀତ ସଂଯୋଗ ବିହୀନ ନିର୍ଦ୍ଦିଷ୍ଟ ଆପଦଗ୍ରସ୍ତ ଜନଜାତି ଗୋଷ୍ଠୀ (ପିଭିଟିଜି) ବସ୍ତିଗୁଡ଼ିକୁ ସଂଯୋଗ ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ-ଜନମନ ଅଧୀନରେ ଭାରତ ସରକାର ୧୫୦ କିଲୋମିଟର ରାସ୍ତା ମଞ୍ଜୁର କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ୧୧୨ଟି ସେତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ।

70. ଯେ କୌଣସି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତି ପାଇଁ ସହରୀକରଣ ହେଉଛି ପ୍ରମୁଖ ବାହକ । ମୋ ସରକାର ଓଡ଼ିଶାର ସହରଗୁଡ଼ିକୁ

ଏକ ସକ୍ରିୟ ସାମାଜିକ-ଅର୍ଥନୈତିକ କେନ୍ଦ୍ର ଭାବରେ ପରିକଳ୍ପନା କରୁଛନ୍ତି ଯାହା ନାଗରିକଙ୍କ ଜୀବନଧାରଣକୁ ଉନ୍ନତ କରିବ।

71. ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ଭିତ୍ତିଭୂମି ଅଭାବକୁ ଦୂର କରିବା ସର୍ବୋଚ୍ଚ ପ୍ରାଥମିକତା ଅଟେ । ଅନ୍ତର୍ଭୁକ୍ତୀକରଣ ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମୋ ସରକାର ସମସ୍ତ ସହରର ନାଗରିକ ସୁବିଧାରେ ଉନ୍ନତି ଆଣିବା ପାଇଁ ଏକ ନୂତନ ଯୋଜନା "ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା" (ଏମଏସବିୱାଇ) ଆରମ୍ଭ କରିଛନ୍ତି । ସ୍ମାର୍ଟ ସିଟି ବିକାଶ ଏହି ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯେଉଁଥିରେ ଜଳବାୟୁ ପରିବର୍ତ୍ତନ ବିରୋଧରେ ସ୍ଥିରତା ସୃଷ୍ଟି କରିବା ପାଇଁ ସହରାଞ୍ଚଳ ସବୁଜ ସ୍ଥାନ, ଖୋଲା ଜିମ୍, ପାର୍କ, ଛାତ ଉପରେ ସୌର ପ୍ରକଳ୍ପ ଏବଂ ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି । ଏହି ଯୋଜନା ଅନ୍ୟ ବିକାଶମୂଳକ କ୍ଷେତ୍ରରେ ମଧ୍ୟ ପାଣ୍ଠି ଅଭାବ ପୂରଣ କରିବାକୁ ଉଦ୍ଦିଷ୍ଟ । ଭବିଷ୍ୟତକୁ ସୁରକ୍ଷିତ ରଖିବା ସହିତ ସମସ୍ତ ନାଗରିକଙ୍କ ଆବଶ୍ୟକତାକୁ ପୂରଣ କରୁଥିବା ସହର ସୃଷ୍ଟି କରିବା ପାଇଁ ଏହି ପ୍ରୟାସ ଏକ ଅଙ୍ଗୀକାରବଦ୍ଧତାକୁ ସୂଚିତ କରୁଛି ।

72. ୨୦୨୪-୨୫ ବର୍ଷରେ ଓଡ଼ିଶାରେ ଭିତ୍ତିଭୂମିର ଉଲ୍ଲେଖନୀୟ ବିକାଶ ହୋଇଛି । ଅର୍ଥନୈତିକ ଅଭିବୃଦ୍ଧି ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ହାସଲ କରିବା ପାଇଁ ଭିତ୍ତିଭୂମି ଗୁରୁତ୍ୱପୂର୍ଣ୍ଣ । ୫୭୫୩ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ୩୨ଟି ଜାତୀୟ ରାଜପଥ ରାଜ୍ୟ ଦେଇ ଯାଇଥିବା ବେଳେ ସେଥିମଧ୍ୟରୁ ରାଜ୍ୟର ଜାତୀୟ ରାଜପଥ ଶାଖା ନିୟନ୍ତ୍ରଣରେ ୨୮୩୩ କିଲୋମିଟର ରହିଛି ଏବଂ ରକ୍ଷଣାବେକ୍ଷଣ ଓ ଉନ୍ନତି ପାଇଁ ୨୯୨୦ କିଲୋମିଟର ରାସ୍ତା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣକୁ ହସ୍ତାନ୍ତର କରାଯାଇଛି ।

73. ସମସ୍ତ ଜିଲ୍ଲାକୁ ରେଳ ସଂଯୋଗୀକରଣ ନିମନ୍ତେ ସର୍ବୋଚ୍ଚ ପ୍ରାଥମିକତା ରହିଛି । ମୋ ସରକାର କେନ୍ଦ୍ର ସରକାରଙ୍କ ସହିତ ସମନ୍ୱୟ ରଖି ରେଳ ସଂଯୋଗ

ବିହୀନ ଜିଲ୍ଲାଗୁଡ଼ିକୁ ସଂଯୋଗ କରିବା ପାଇଁ ଡିଜାଇନ୍ କରାଯାଇଥିବା ପ୍ରମୁଖ ରେଳ ପ୍ରକଳ୍ପଗୁଡ଼ିକ ଉପରେ କାର୍ଯ୍ୟ କରୁଛନ୍ତି, ଯାହା ଆଞ୍ଚଳିକ ସଂଯୋଗୀକରଣ ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ଲାଇନ୍ ଭଳି ପ୍ରକଳ୍ପକୁ ପ୍ରାଥମିକତା ଦିଆଯାଉଛି, ଯେଉଁଥିରେ ଏହି ସୁବିଧା ଉପଲବ୍ଧ ହେବ । ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳ ଲାଇନ ଭଳି ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବା, ଆଞ୍ଚଳିକ ସମନ୍ୱୟକୁ ବୃଦ୍ଧି କରିବା, ଦୁର୍ଗମ ଜନଜାତି ଅଞ୍ଚଳ ସହିତ ସଂଯୋଗ ବୃଦ୍ଧି କରିବା ଏବଂ ଉନ୍ନତ ପରିବହନ ମାଧ୍ୟମରେ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ । ଅଣ-ବିକଶିତ ଅଞ୍ଚଳ ସହ ରେଳ ସଂଯୋଗକୁ ପ୍ରାଥମିକତା ଦେଇ ବାଦାମପାହାଡ଼-କେନ୍ଦୁଝର, ବାଙ୍ଗିରିପୋଷି-ଗୋରୁମହିସାଣି, ବରଗଡ ରୋଡ-ନୂଆପଡା ରୋଡ ନୂଆ ଲାଇନ, ବୁଢ଼ାମରା (ଓଡିଶା)-ଚକୁଳିଆ(ଝାଡ଼ଖଣ୍ଡ), ଗୁଣୁପୁର-ଥେରୁବାଲି ନୂଆ ଲାଇନ, ଜୁନାଗଡ଼-ନବରଙ୍ଗପୁର ନୂଆ ଲାଇନ୍, ମାଲକାନଗିରି-ପାଣ୍ଡୁରଙ୍ଗପୁରମ୍(ଭାୟା ଭଦ୍ରାଚଳମ୍) ଏବଂ ସରଡେଗା(ସୁନ୍ଦରଗଡ଼)-ଭାଲୁମୁଡ଼ା (ଛତିଶଗଡ଼) ନୂଆ ଦୋହରା ଲାଇନ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିବାରୁ ମୋ ସରକାର ଭାରତ ସରକାରଙ୍କୁ କୃତଜ୍ଞତା ଜଣାଉଛି ।

74. ରାଜ୍ୟର ପ୍ରତ୍ୟେକ ନାଗରିକଙ୍କୁ ୨୪ ଘଣ୍ଟା ଗୁଣାତ୍ମକ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ସୁନିଶ୍ଚିତ କରିବା ପାଇଁ ମୋ ସରକାର ପ୍ରତିବଦ୍ଧ । ଓଡ଼ିଶାରେ ଏବେ ବିଜୁଳି ବଳକା ରହିଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ଏହା ବଳକା ରହିବ । ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ହାରାହାରି ବିଦ୍ୟୁତ୍ ଯୋଗାଣ ଅବଧି ବୃଦ୍ଧି ପାଇଛି ଏବଂ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଜାତୀୟ ପରିପ୍ରେକ୍ଷୀରେ ରାଜ୍ୟରେ ମଧ୍ୟ ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇଛି । ବିଭିନ୍ନ ଲୋକାଭିମୂଖୀ ଯୋଜନା ମାଧ୍ୟମରେ ବିଦ୍ୟୁତ୍ ଉପଲବ୍ଧି ସୁନିଶ୍ଚିତ କରାଯାଉଛି । ଉତ୍ପାଦନ, ପରିବହନ ଏବଂ ବିତରଣ ଭିତ୍ତିଭୂମିରେ ବ୍ୟାପକ ବିକାଶ ହେତୁ ନିବେଶକଙ୍କ

ପାଇଁ ରାଜ୍ୟ ଏବେ ସବୁଠାରୁ ଯୋଗ୍ୟ ଗନ୍ତବ୍ୟସ୍ଥଳ ପାଲଟିଛି । ଏକ ସ୍ଥାୟୀ ଏବଂ ଜଳବାୟୁ ସହନଶୀଳ ଭବିଷ୍ୟତ ପାଇଁ ସବୁଜ ଓ ସ୍ୱଚ୍ଛ ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡିକରେ ବିକାଶକୁ ପ୍ରୋତ୍ସାହିତ କରି ନେଟ୍ ଜିରୋ ଲକ୍ଷ୍ୟ ପୂରଣ କରିବାକୁ ମୋ ସରକାର ପ୍ରତିଶ୍ରୁତିବଦ୍ଧ ।

75. ପୂର୍ବ ଭାରତର ଶିଳ୍ପ ଶକ୍ତି କେନ୍ଦ୍ର ଭାବରେ ଓଡ଼ିଶାକୁ ସ୍ଥାନିତ କରି ବିଭିନ୍ନ କ୍ଷେତ୍ରରେ ଘରୋଇ ଏବଂ ଅନ୍ତର୍ଜାତୀୟ ନିବେଶକୁ ଆକର୍ଷିତ କରିବା ପାଇଁ ୨୦୨୫ ଜାନୁଆରୀ ୨୮ ଏବଂ ୨୯ ତାରିଖରେ ଭୁବନେଶ୍ୱରରେ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ ଆୟୋଜନ କରାଯାଇଥିଲା । ଏହି ଉତ୍ସାହ ପ୍ରଦାନକାରୀ ମଞ୍ଚ ଓଡ଼ିଶାର ଶିଳ୍ପ ଶକ୍ତି, ଅତୁଳନୀୟ କାର୍ଯ୍ୟଶୈଳୀ ସୁବିଧା ଏବଂ ବିଶ୍ୱର ନିବେଶକମାନଙ୍କ ପାଇଁ ବିପୁଳ ଅଭିବୃଦ୍ଧି ସୁଯୋଗକୁ ସମୁଜ୍ଜ୍ୱଳ କରିଛି । ଏହା ବିଶ୍ୱର ଶିଳ୍ପପତି, ନୀତି ନିର୍ଦ୍ଧାରକ ଏବଂ ନିବେଶକଙ୍କ ମଧ୍ୟରେ ସହଯୋଗ ବୃଦ୍ଧି କରି ପ୍ରମୁଖ ନେଟୱାର୍କିଂ ସୁଯୋଗ ପ୍ରଦାନ କରିଥିଲା । ମୋ ସରକାର ରାସାୟନିକ ଏବଂ ପେଟ୍ରୋକେମିକାଲ୍ସ, ବୟନଶିଳ୍ପ, ଖଣି ଏବଂ ଧାତବବିଦ୍ୟା, ନବୀକରଣୀୟ ଶକ୍ତି, ଆଇଟି/ଆଇଟିଇଏସ୍, ପର୍ଯ୍ୟଟନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଭଳି କ୍ଷେତ୍ରରେ ନିବେଶ ପାଇଁ ୧୨.୮୯ ଲକ୍ଷ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହା ସହିତ, ୩.୮୪ ଲକ୍ଷ କୋଟି ନିବେଶ ମୂଲ୍ୟ ଏବଂ ୩.୯୨ ଲକ୍ଷ ନିଯୁକ୍ତି ସମ୍ଭାବନା ସହିତ ୪୪୮ ନିବେଶ ଉଦ୍ଦେଶ୍ୟ ଫର୍ମ ଗ୍ରହଣ କରାଯାଇଛି।

76. ୨୦୨୪-୨୫ ରେ ୪୦୦ରୁ ଅଧିକ ଷ୍ଟାର୍ଟଅପକୁ ବିଭିନ୍ନ ଆର୍ଥିକ ଓ ଅଣ-ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସଚେତନତା କାର୍ଯ୍ୟକ୍ରମ ଏବଂ ଅଭିନବତ୍ୱ ଆହ୍ୱାନ ମାଧ୍ୟମରେ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉଦ୍ୟୋଗୀ ପରିବେଶ ବ୍ୟବସ୍ଥା ସହିତ ମଧ୍ୟ ଯୋଡ଼ି ହୋଇଛନ୍ତି । ମୋ ସରକାରଙ୍କ "ଏମଏସଏମଇ ଗୁଡ଼ିକର ସୁଧ ପରିଶୋଧ ପାଇଁ ମୁଖ୍ୟମନ୍ତ୍ରୀ ଯୋଜନା" (ସିଏମ-

ଏସଆରଆଇଏମ) କାର୍ଯ୍ୟକାରୀ ପୁଞ୍ଜି ଉପରେ ସୁଧ ପରିଶୋଧ କରି ଉତ୍ପାଦନକାରୀ ଏମଏସଏମଇ ଗୁଡିକର ସୁଧ ବୋଝକୁ କ୍ରମଶଃ ହ୍ରାସ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ଅଧୀନରେ ୨୦୨୪-୨୫ରେ ୧୮୪୩ ହିତାଧିକାରୀଙ୍କୁ ପ୍ରାୟ ୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି ।

77. ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (ପିଏମଇଜିପି) ଅଧୀନରେ ପ୍ରାୟ ୧୦୦ କୋଟି ଟଙ୍କାର ମାର୍ଜିନ୍ ମନି ସହାୟତା (ସବସିଡି) ମଞ୍ଜୁର କରାଯାଇଛି । ପାରମ୍ପରିକ ହସ୍ତଶିଳ୍ପରେ ନିୟୋଜିତ ଲୋକଙ୍କୁ ଆର୍ଥିକ ସହାୟତା ଦେବା ସହିତ ସ୍ଥାନୀୟ ଉତ୍ପାଦ, କଳା ଏବଂ ହସ୍ତଶିଳ୍ପ ମାଧ୍ୟମରେ ପୁରୁଣା ପରମ୍ପରା ଏବଂ ବିବିଧ ଐତିହ୍ୟକୁ ଜୀବିତ ରଖିବା ପାଇଁ, ରାଜ୍ୟରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ଅଧୀନରେ ୩୬ କୋଟି ଟଙ୍କା ବିତରଣ ସହିତ ୪୯୦୮ ଟି ଋଣ ମଞ୍ଜୁର କରାଯାଇଛି ।

78. ଆସନ୍ତା ଦୁଇ ବର୍ଷରେ ବୟନ ଶିଳ୍ପ କ୍ଷେତ୍ରରେ ୫୦,୦୦୦ ନିଯୁକ୍ତି ଏବଂ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଆଇଟି/ଆଇଟିଇଏସରେ ୫୦,୦୦୦ ନିଯୁକ୍ତି ସୃଷ୍ଟି ପାଇଁ ମୋ ସରକାର ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥି ସହିତ, ଆସନ୍ତା ୫ ବର୍ଷ ମଧ୍ୟରେ ୧.୫ ଲକ୍ଷ ସରକାରୀ ଚାକିରି ପୂରଣ କରାଯିବ ଏବଂ ପ୍ରଥମ ଦୁଇ ବର୍ଷରେ ୬୫,୦୦୦ ପଦବୀ ପୂରଣ ହେବ । ୨୦୨୪-୨୫ରେ ୨୪ ହଜାରରୁ ଅଧିକ ସରକାରୀ ପଦବୀ ପୂରଣ ହୋଇସାରିଛି ।

79. ଜାତୀୟ ଗ୍ରାମୀଣ ଜୀବିକା ମିଶନ(ଏନଆରଏଲଏମ) ଅଧୀନରେ "ଲକ୍ଷପତି ଦିଦି" ଅଭିଯାନର ଉଦ୍ଦେଶ୍ୟ ହେଉଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ବାର୍ଷିକ ଅତି କମରେ ୧ ଲକ୍ଷ ଟଙ୍କା ରୋଜଗାର କରିବାରେ ସାହାଯ୍ୟ କରିବା । ୨୦୨୭ ସୁଦ୍ଧା ୨୫ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ସଶକ୍ତ କରିବାକୁ ମୋ ସରକାର ଯୋଜନା କରିଛନ୍ତି। ୨୦୨୪-୨୫ ଆର୍ଥିକ

ବର୍ଷରେ ପ୍ରାୟ ୧୦ ଲକ୍ଷ ମହିଳାଙ୍କୁ ଏହି ସ୍ତରର ଆୟ ହାସଲ ପାଇଁ ତାଲିମ ଦିଆଯିବ ।

80. ପର୍ଯ୍ୟଟନ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ଏବଂ ଓଡ଼ିଶାର ସ୍ପନ୍ଦନଶୀଳ ସଂସ୍କୃତି, ଐତିହ୍ୟ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପ୍ରଦର୍ଶନ କରିବାର ଏକ ମଞ୍ଚ । ଆମର ଶାନ୍ତ ବେଳାଭୂମି ଏବଂ କଳିଙ୍ଗ ସ୍ଥାପତ୍ୟ ବିଶ୍ୱରେ ଅତୁଳନୀୟ । ଓଡ଼ିଶା ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରର ସବୁଠାରୁ ଅଧିକ ପସନ୍ଦଯୋଗ୍ୟ ସ୍ଥାନମାନଙ୍କ ମଧ୍ୟରେ ଓଡିଶା ସ୍ଥାନ ହାସଲ ପାଇଁ ଚେଷ୍ଟା କରୁଥିବାରୁ, ଆମର ଲୋକମାନଙ୍କର, ବିଶେଷକରି ଯୁବପିଢ଼ି ଏବଂ ମହିଳାଙ୍କ ଭୂମିକା ଏହି କ୍ଷେତ୍ରର ବିକାଶରେ ସର୍ବୋଚ୍ଚ ସ୍ଥାନରେ ରହିଛି । ସେମାନଙ୍କର ସାମର୍ଥ୍ୟକୁ ସ୍ୱୀକାର ପୂର୍ବକ ମୋ ସରକାର ପର୍ଯ୍ୟଟନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରି ଏହି ପ୍ରବାହମାନ ଶିଳ୍ପରେ ଯୋଗଦାନ କରିବାକୁ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିଛନ୍ତି । ମୁଁ ଗର୍ବିତ ଯେ, ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରାଳୟ ଦ୍ୱାରା ମାଣିଆବନ୍ଧକୁ ସର୍ବୋତ୍ତମ ପର୍ଯ୍ୟଟନ ଗ୍ରାମ ପୁରସ୍କାର, ଆଇଆଇଟିଏମ୍, ପୁଣେରେ ପୁରୀକୁ ଶ୍ରେଷ୍ଠ ତୀର୍ଥଯାତ୍ରା ଗନ୍ତବ୍ୟସ୍ଥଳ ପୁରସ୍କାର-୨୦୨୪ ଏବଂ ଟିଟିଏଫ୍, ପାଟନାରେ ଓଡ଼ିଶା ଇକୋ ରିଟ୍ରିଟକୁ ସର୍ବୋତ୍ତମ ଉଦ୍ଭାବନାତ୍ମକ ଉତ୍ପାଦ ପୁରସ୍କାର-୨୦୨୪ ମିଳିଛି ।

81. ମୁଁ ଖୁସିର ସହିତ ଜଣାଇବାକୁ ଚାହୁଁଛି ଯେ, ମୋ ସରକାର ହୀରାକୁଦ ଏବଂ ସାତକୋଶିଆ ପ୍ରକଳ୍ପର ବିକାଶ ପାଇଁ ଭାରତ ସରକାରଙ୍କଠାରୁ ସଫଳତାର ସହ ଅନୁମୋଦନ ହାସଲ କରିଛନ୍ତି । ପୁଞ୍ଜି ନିବେଶ କ୍ଷେତ୍ରରେ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଜନାର ଭାଗ-୩ ଅଧୀନରେ ୨୦୨୪-୨୫ରେ ଓଡ଼ିଶାକୁ ୫୦ ବର୍ଷ ପାଇଁ ସୁଧମୁକ୍ତ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ମିଳିବ । ଏହି ଗୁରୁତ୍ୱପୂର୍ଣ୍ଣ ସମର୍ଥନ ଉପରୋକ୍ତ ଦୁଇ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀର ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବ ଏବଂ ସେମାନଙ୍କୁ ଏକ ବିଶ୍ୱସ୍ତରୀୟ ମାନଦଣ୍ଡରେ ପହଞ୍ଚାଇବ ।

୪୨. ପୁରୀ ଶ୍ରୀ ଜଗନ୍ନାଥ କ୍ଷେତ୍ର ହେଉଛି ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନନ୍ତ ଆବାସ । ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ଦିଗରେ ମୋ ସରକାରଙ୍କ ଆନ୍ତରିକ ପ୍ରୟାସକୁ ମୁଁ ପ୍ରଶଂସା କରୁଛି । ଶ୍ରୀମନ୍ଦିର ପରିସରରେ ପ୍ରବେଶକୁ ସୁଗମ କରିବା ପାଇଁ ୪ଟି ପବିତ୍ର ଦ୍ୱାର ଖୋଲାଯାଇଛି । ଭକ୍ତଙ୍କ ବିଶ୍ୱାସ ଏବଂ ଭାବନାକୁ ସମ୍ମାନ ଜଣାଇ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ(ଏଏସ୍‌ଆଇ) ସହାୟତାରେ ଭିତର ରତ୍ନ ଭଣ୍ଡାରର ବନ୍ଦ ପ୍ରକୋଷ୍ଠ ମଧ୍ୟ ଖୋଲାଯାଇଛି । ମୋ ସରକାର ରତ୍ନ ଭଣ୍ଡାରକୁ ପୁନଃନିର୍ମାଣ କରିବା ପାଇଁ ମଧ୍ୟ ପଦକ୍ଷେପ ନେଇଛନ୍ତି ।

୪୩. ଓଡ଼ିଆ ଅସ୍ମିତାର ପୁନରୁଦ୍ଧାର, ରାଜ୍ୟର କଳା, ସ୍ଥାପତ୍ୟ, ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ପରମ୍ପରାର ସଂରକ୍ଷଣ, ସୁରକ୍ଷା ଓ ଉନ୍ନତି ମୋ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ଓଡ଼ିଆ ଅସ୍ମିତା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ହସ୍ତକ୍ଷେପ ପାଇଁ ମୋ ସରକାର ୨୦୦ କୋଟି ଟଙ୍କାର ପ୍ରାରମ୍ଭିକ କର୍ପସ ପାଣ୍ଠି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଓଡ଼ିଆ ଭାଷାର ପ୍ରଚାର ପ୍ରସାର ନିମନ୍ତେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ଓଡ଼ିଆ ଚେୟାର ପ୍ରତିଷ୍ଠା ପାଇଁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସାଂସ୍କୃତିକ ପ୍ରୋତ୍ସାହନ ପାଇଁ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ (ଆଇସିସିଆର) ସହ ମୋ ସରକାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ମୋ ସରକାର ଓଡ଼ିଶାରେ ଜାତୀୟ ନାଟକ ବିଦ୍ୟାଳୟର ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ନୀତିଗତ ଭାବେ ସହମତ ହୋଇଛନ୍ତି ।

୪୪. ମୋ ସରକାର ସଂସ୍କୃତି ମନ୍ତ୍ରାଳୟର ସହଯୋଗରେ ୨୧ ନଭେମ୍ବର ୨୦୨୪ ରେ ନୂଆଦିଲ୍ଲୀଠାରେ ଉତ୍କଳ କେଶରୀ ଡଃ. ହରେକୃଷ୍ଣ ମହତାବଙ୍କ ଭବ୍ୟ ଜୟନ୍ତୀ ଆୟୋଜନ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ଲେଖକ, ରାଜନେତା, ଐତିହାସିକ, ସାମ୍ବାଦିକ ଏବଂ ଆଧୁନିକ ଓଡ଼ିଶାର ସ୍ଥାପକ ଭାବରେ

ଡଃ. ହରେକୃଷ୍ଣ ମହତାବଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଲୋକଲୋଚନକୁ ଆଣିବା ପାଇଁ ସମଗ୍ର ଦେଶରେ ଏହା ବର୍ଷବ୍ୟାପୀ ପାଳନ କରାଯିବ । ବାଲିଯାତ୍ରା ଓ ଧନୁଯାତ୍ରାକୁ ବିଶ୍ୱ ଐତିହ୍ୟ ପର୍ବ ଭାବେ ଘୋଷଣା କରାଯାଇଛି । ଚଳିତ ବର୍ଷ ବାଲିଯାତ୍ରାରେ ଏସିଆନ/ବିମଷ୍ଟେକ୍ ରାଷ୍ଟ୍ରଦୂତ ଏବଂ ଆନ୍ତର୍ଜାତିକ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ ।

୪୫. ୨୦୨୪ ଜୁଲାଇ ପହିଲାରୁ ମୋ ସରକାର "ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ" ମାଧ୍ୟମରେ ନିୟମିତ ଜନଶୁଣାଣି ଆୟୋଜନ କରୁଛନ୍ତି, ଯେଉଁଥିରେ ପ୍ରତ୍ୟକ୍ଷ ଅଭିଯୋଗର ସମାଧାନ ଓ ପ୍ରତିକାରାତ୍ମକ ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ସକ୍ରିୟ ଆଭିମୁଖ୍ୟ ମୋ ସରକାରଙ୍କ ସେବା ପ୍ରଦାନ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥାକୁ ଯଥେଷ୍ଟ ପୁନଃସ୍ଥାପିତ କରିଛି ଏବଂ ଏକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ନାଗରିକ-କେନ୍ଦ୍ରିତ ଶାସନ ମଡେଲ ନିର୍ମାଣ ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନାଗରିକଙ୍କଠାରୁ ୯ ହଜାରରୁ ଅଧିକ ଅଭିଯୋଗ ଆବେଦନ ଆସିଛି, ଯାହାର ସମାଧାନ ହାର ପ୍ରାୟ ୮୦ ପ୍ରତିଶତ ରହିଛି ।

୪୬. ଓଡ଼ିଶାବାସୀଙ୍କ ସମସ୍ୟା ଓ ଆହ୍ୱାନର ମୁକାବିଲା ଦିଗରେ ମୋ ସରକାର ଦୃଢ ରହିଛନ୍ତି । ବାସ୍ତବପକ୍ଷେ, ଏହା ଏକ ଲୋକଙ୍କ ସରକାର, ଯେଉଁଠାରେ ନାଗରିକମାନେ ବିକାଶ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଓଆରଟିପିଏସ୍ ଅଧିନିୟମ ଅଧୀନରେ ଥିବା ସେବା ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଏକ ଶୃଙ୍ଖଳିତ ଆଭିମୁଖ୍ୟକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉଛି । ଏହାର ଶୁଭାରମ୍ଭ ପରଠାରୁ ନାଗରିକ ସେବା ପ୍ରଦାନ ପୋର୍ଟାଲ ସୁବିଧାଜନକ, ସ୍ୱଚ୍ଛ ଏବଂ ୨୪ ଘଣ୍ଟିଆ ସର୍ବସାଧାରଣ ସେବା ଉପଲବ୍ଧ କରାଯାଇଛି । ଡିସେମ୍ବର ୨୦୨୪ ଶେଷ ସୁଦ୍ଧା ପୋର୍ଟାଲରେ ୬୩୯ଟି ସେବା ଉପଲବ୍ଧ ହୋଇଛି, ଯାହା ଦ୍ୱାରା ୭୪ ଲକ୍ଷରୁ ଅଧିକ ଉପଯୋଗିତା ସମ୍ଭବ ହୋଇଛି ।

୫୭. ଭୁବନେଶ୍ୱରରେ ୧୮ତମ ପ୍ରବାସୀ ଭାରତୀୟ ଦିବସ (ପିବିଡି) ଆୟୋଜନ ଓଡ଼ିଶା ପାଇଁ ଏକ ଗୌରବର ମୁହୂର୍ତ୍ତ । ଭାରତର ବିଶ୍ୱସ୍ତରୀୟ ଭାବମୂର୍ତ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଏହାର ବିକାଶକୁ ସୁଦୃଢ଼ କରିବାରେ ପ୍ରବାସୀ ଭାରତୀୟଙ୍କ ଅବଦାନକୁ ସମ୍ମାନ ଜଣାଇ ପାଳନ କରାଯାଉଥିବା ଏହି କାର୍ଯ୍ୟକ୍ରମ ବିଶ୍ୱର ବିଶିଷ୍ଟ ବ୍ୟକ୍ତି, ଚିନ୍ତାନାୟକ ଏବଂ କୃତିତ୍ୱ ହାସଲକାରୀଙ୍କୁ ଏକତ୍ରିତ କରିଥିଲା । ଓଡ଼ିଶାର ସମୃଦ୍ଧ ଐତିହ୍ୟ, ସ୍ପନ୍ଦନଶୀଳ ସଂସ୍କୃତି ଏବଂ ବିକାଶରେ ପରିବର୍ତ୍ତନଶୀଳ ଅଗ୍ରଗତି ଏହି ବିଶ୍ୱସ୍ତରୀୟ ଉତ୍ସବ ପାଇଁ ଏହାକୁ ଉପଯୁକ୍ତ ସ୍ଥାନଭାବେ ବିବେଚିତ କରିଥିଲା । ସମ୍ପୃକ୍ତିଭିତ୍ତିକ ଅଧିବେଶନ, ସାଂସ୍କୃତିକ ପ୍ରଦର୍ଶନ ଏବଂ ଆଲୋଚନା ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଭାରତର ଭବିଷ୍ୟତ ଗଠନ ଏବଂ ବିଶ୍ୱ ସହଭାଗୀତାକୁ ବୃଦ୍ଧି କରିବାରେ ପ୍ରବାସୀ ଭାରତୀୟ(ଏନଆରଆଇ)ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲା । ଦେଶ ଓ ଆମ ରାଜ୍ୟ ପାଇଁ ସେମାନଙ୍କର ଅମୂଲ୍ୟ ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ କରି ପ୍ରବାସୀ ଭାରତୀୟଙ୍କ ସହ ଗଭୀର ସମ୍ପର୍କ ବଢ଼ାଇବା ମୋ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

୫୮. ବଙ୍ଗୋପସାଗର ଉପରେ ଘୂର୍ଣ୍ଣିଝଡ଼ "ଦାନା" ଓଡ଼ିଶା ଉପକୂଳ ନିକଟ ଦେଇ ଅତିକ୍ରମ କରିଥିଲା, ଯାହା ରାଜ୍ୟର ୧୪ଟି ଜିଲ୍ଲା ଯଥା:- ଅନୁଗୋଳ, ବାଲେଶ୍ୱର, ଭଦ୍ରକ, କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼ ଓ ପୁରୀରେ ଉଭୟ ଘରୋଇ ଓ ସରକାରୀ ସମ୍ପତ୍ତିକୁ ଗୁରୁତର କ୍ଷତି ପହଞ୍ଚାଇଥିଲା । ସମ୍ବେଦନଶୀଳ ଅଞ୍ଚଳରୁ ପ୍ରାୟ ୮ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୬୨୧୦ଟି ଆଶ୍ରୟସ୍ଥଳୀରେ ରଖାଯାଇଥିଲା । ସେମାନଙ୍କୁ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆଯାଇଥିଲା । ଆଶ୍ରୟସ୍ଥଳ ପରିଚାଳନା ଏବଂ ପ୍ରଭାବିତଙ୍କୁ ଆର୍ଥିକ ସହାୟତା ପାଇଁ ଏସଡିଆରଏଫରୁ ୧୨୦ କୋଟି

ଟଙ୍କା ମଞ୍ଜୁର କରାଯାଇ ଜିଲ୍ଲାପାଳମାନଙ୍କୁ ଦିଆଯାଇଛି । ସେହିପରି ଏସଡିଆରଏଫରୁ ୩୦୦ କୋଟି ଟଙ୍କା ମଞ୍ଜୁର କରାଯାଇ ସରକାରୀ ସମ୍ପତ୍ତିର ମରାମତି ଓ ପୁନରୁଦ୍ଧାର ପାଇଁ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଇଛି।

୪୨. ୨୦୨୪ ଡିସେମ୍ବର ୨୧ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ୨୦ରୁ ୨୨ ତାରିଖ ଏବଂ ପରେ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ଅଦିନିଆ ବର୍ଷା ହୋଇଥିଲା । ଅମଳ ଋତୁରେ ଏହି ଅଦିନିଆ ବର୍ଷା ଯୋଗୁଁ ଅମଳ ହୋଇନଥିବା ଫସଲ, ଚାଷ ଜମିରେ କଟା ହୋଇ ପଡିରହିଥିବା ଫସଲ ଏବଂ ଅନ୍ୟାନ୍ୟ ଫସଲର ବ୍ୟାପକ କ୍ଷତି ହୋଇଥିଲା। ଅନୁଗୋଳ, ଭଦ୍ରକ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ନୂଆପଡ଼ା, ପୁରୀ ଓ ରାୟଗଡ଼ା ଆଦି ୧୬ଟି ଜିଲ୍ଲାରେ ୨.୨୭ ହେକ୍ଟରରୁ ଅଧିକ ଚାଷ ଜମିରେ ୩୩ ପ୍ରତିଶତ ଓ ତା'ଠାରୁ ଅଧିକ ଫସଲ ନଷ୍ଟ ହୋଇଛି । ମୋ ସରକାର କ୍ଷତିଗ୍ରସ୍ତ କୃଷକମାନଙ୍କୁ ତୁରନ୍ତ ସହାୟତା ଭାବରେ କୃଷି ଇନପୁଟ୍ ସବସିଡି ବାବଦରେ ୨୯୨ କୋଟି ଟଙ୍କା ମଞ୍ଜୁର ଏବଂ ପ୍ରଦାନ କରିଛନ୍ତି ।

୨୦. ୨୦୨୪ ବର୍ଷ ଓଡ଼ିଶା ପାଇଁ ଏକ ଐତିହାସିକ ବର୍ଷ ହୋଇଛି, ଯାହା ଶାସନ, ବିକାଶ ଓ ବିଶ୍ୱସ୍ତରୀୟ ସ୍ୱୀକୃତିରେ ପରିବର୍ତ୍ତନକାରୀ ପଦକ୍ଷେପ ହୋଇଛି । ସରକାର ନାଗରିକ ମାନଙ୍କ ପାଇଁ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ପାଇଁ ମଧ୍ୟ ବ୍ୟାପକ ଏବଂ ସଫଳ ପଦକ୍ଷେପ ନେଇଛନ୍ତି । ଜାତୀୟ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ନବସୃଜନ ଏବଂ ପ୍ରଗତିର ଏକ ଆଲୋକବର୍ତ୍ତିକା ଭାବରେ ଉଭା ହୋଇଛି । ଆମେ ଆଗକୁ ବଢୁଥିବା ବେଳେ ୨୦୨୪ର ସଫଳତା, ଓଡ଼ିଶାର ସ୍ଥିରତା ଓ ଦୂରଦୃଷ୍ଟିର ପ୍ରମାଣ ଭାବେ କାର୍ଯ୍ୟ କରିବା ସହ

ଜନସାଧାରଣଙ୍କ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ସମୃଦ୍ଧ ଭବିଷ୍ୟତ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ କରୁଛି ।

91. ଆମର ପ୍ରତ୍ୟେକ ଆଭିମୁଖ୍ୟରେ ଲୋକ ହିଁ ପ୍ରଥମ । ମୋ ସରକାର ଅତ୍ୟାବଶ୍ୟକ ସେବା ଯୋଗାଇବା, ଜୀବିକା ସୁଯୋଗ ସୃଷ୍ଟି କରିବା ଏବଂ ପ୍ରମୁଖ ଭିତ୍ତିଭୂମିର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ଆମେ ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣକୁ ପ୍ରାଥମିକତା ଦେଉଛୁ ଏବଂ ରାଜ୍ୟର ସମସ୍ତ ଅଞ୍ଚଳରେ ସମାନ ଅଭିବୃଦ୍ଧି ସୁନିଶ୍ଚିତ କରିବାକୁ ପ୍ରୟାସ କରୁଛୁ। ମୁଁ ସ୍ପଷ୍ଟ ଶବ୍ଦରେ ଦୋହରାଉଛି ଯେ, ମୋ ସରକାର ପ୍ରଗତି ଓ ସମୃଦ୍ଧି ଦିଗରେ ଆମର ଯାତ୍ରାରେ କାହାକୁ ପଛରେ ନପକାଇ, ଓଡ଼ିଶାର ସାମଗ୍ରିକ ବିକାଶ ଏବଂ ଏହାର ସମସ୍ତ ବର୍ଗର ଲୋକଙ୍କ ସଶକ୍ତୀକରଣ ପାଇଁ ଦୃଢ଼ ଭାବରେ ସମର୍ପିତ ହେବେ ।

ମୁଁ ଏବେ ଏହାକୁ ଆପଣଙ୍କ ବିଚାର ବିମର୍ଶ ଉପରେ ଛାଡ଼ି ଦେଉଛି ଏବଂ ଆପଣମାନଙ୍କର ସଫଳତା କାମନା କରୁଛି ।

"ବନ୍ଦେ ଉତ୍କଳ ଜନନୀ"

"ଜୟ ହିନ୍ଦ"